


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୯ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 19 APRIL 2022

Vol.No. 33 ■ No. 101 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଫେରିଲା ମହାମାରୀ : ମାସ୍କ ପିନ୍ଧିବା ବାଧ୍ୟତାମୂଳକ



ଲକ୍ଷ୍ନୌ, ୧୮/୦୪ (ନି.ପ୍ର): ଗତ କିଛି ଦିନ ହେବ ସକ୍ରିୟ ହୋଇପଡ଼ିଛି ମହାମାରୀ କରୋନା। ପୁଣି ଥରେ ଦ୍ରୁତ ସଂକ୍ରମଣ ଦେଶବାସୀଙ୍କୁ ଚିନ୍ତିତ କରିଛି । ମହାମାରୀ ପ୍ରତ୍ୟାବର୍ତ୍ତନକୁ ନେଇ ଉତ୍ତରପ୍ରଦେଶ ସରକାର ସତର୍କ ହୋଇଛନ୍ତି। ତେଣୁ ସର୍ବସାଧାରଣ ସ୍ଥାନରେ ଫେସ୍ ମାସ୍କକୁ ବାଧ୍ୟତାମୂଳକ କରିଛନ୍ତି ଉତ୍ତର ପ୍ରଦେଶ ସରକାର । ରାଜଧାନୀ ଦିଲ୍ଲୀ ଏବଂ ଏନସିଆର ଜିଲ୍ଲାରେ କୋଭିଡ୍ ମାମଲା ବଢ଼ିଥିବାରୁ କୋଭିଡ୍ କଟକଣା ଆଂଶିକ କଡ଼ା କରିବାକୁ ନିଷ୍ପତ୍ତି ହୋଇଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶର ବ୍ୟସ୍ତବହୁଳ ସ୍ଥାନ ଗୌତମ ବୁଦ୍ଧ ନଗର, ଗାଜିଆବାଦ, ହାପୁର, ମୀରଟ, ବୁଲନ୍ଦ ସହର, ଭାଗପତ ଏବଂ ରାଜଧାନୀ ଲକ୍ଷ୍ନୌରେ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଗୌତମ ବୁଦ୍ଧ ନଗରରେ ୬୫ ଟି ନୂଆ ମାମଲା, ଗାଜିଆବାଦରେ ୨୦ ଏବଂ ଲକ୍ଷ୍ନୌରେ ୧୦ଟି ମାମଲା ସାମ୍ନାକୁ ଆସିଛି। କୋଭିଡ୍ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ କୋଭିଡ୍ ମାମଲା ହ୍ରାସକୁ ଦୃଷ୍ଟିରେ ରଖି ସରକାର ଫେସ୍ ମାସ୍କ ଲଗାଇବା ଉପରେ କୋହଳ କରିଥିଲେ। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଦେଶ ୨୧୮୩ଟି କରୋନା ମାମଲା ଚିହ୍ନଟ ହୋଇଛି। ସେହିପରି କରୋନାରେ ଆକ୍ରାନ୍ତ ହୋଇ ୨୧୪ ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଗତକାଲି ଦେଶରେ ଦୈନିକ କରୋନା ମାମଲା ୧୧୫୦ଟି ରୁକୁ ହୋଇଥିଲା। ପୂର୍ବରୁ ଏପ୍ରିଲ ୧୬ରେ ୯୭୫ଟି ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ଏପ୍ରିଲ ୧୫ରେ ୯୫୯ଟି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ପୂର୍ବ ମାମଲାକୁ ଦେଖିଲେ ବର୍ତ୍ତମାନ କରୋନା ମାମଲାରେ ▶▶ପୃଷ୍ଠା ୭

## ମନ୍ତ୍ରୀ ପୁଅଙ୍କ ଜାମିନ ଖାରଜ, ସପ୍ତାହକ ଭିତରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ




ଲକ୍ଷ୍ନୌ, ୧୮/୦୪ (ନି.ପ୍ର): ବହୁ ଚର୍ଚ୍ଚିତ ଲଖିମପୁର ଖେରି ହିଂସାକାଣ୍ଡ ମାମଲାରେ ବଢ଼ିଲା ମନ୍ତ୍ରୀ ପୁଅ ତଥା ଏହି ଘଟଣା ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ରାଙ୍କ ଅଡୁଆ। ସୁପ୍ରିମକୋର୍ଟରୁ ଲାଗିଲା ତାଙ୍କୁ ବଡ ଝଟ୍କା। ଖାରଜ ହେଲା ତାଙ୍କ ଜାମିନ। ସୁପ୍ରିମକୋର୍ଟ ଆଶିଷ ମିଶ୍ରାଙ୍କ ଜାମିନ ଆବେଦନକୁ ଆଜି ଖାରଜ କରିଦେଇଛନ୍ତି। ଏଥିସହ ସପ୍ତାହକ ମଧ୍ୟରେ ଆତ୍ମସମର୍ପଣ କରିବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଆଶିଷ ମିଶ୍ରା ହେଉଛନ୍ତି କେନ୍ଦ୍ର ଗୃହ ରାଜ୍ୟମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ। ଲଖିମପୁର ଖେରିରେ କୃଷକଙ୍କ ଉପରେ ଗାଡି ଚଢ଼ାଇବା ମାମଲରେ ଆଶିଷ ମିଶ୍ରାଙ୍କ ନାଁ ସାମ୍ନାକୁ ଆସିଥିଲା। ସେ ହିଁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମାଣିତ ହେବା ପରେ ଉତ୍ତରପ୍ରଦେଶ ପୁଲିସ ତାଙ୍କୁ ଗିରଫ କରିଥିଲା। ଏହାପରେ ଆଶିଷ ମିଶ୍ରାଙ୍କୁ ଆହ୍ଲାବାଦର ହାଇକୋର୍ଟରେ ଜାମିନ ମିଳିଥିଲା। ତେବେ ଆହ୍ଲାବାଦ ହାଇକୋର୍ଟର ଏହି ଜାମିନକୁ ଏବେ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଶିଷ ମିଶ୍ରାଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟ ପୁନର୍ବିଚାର କରିବା ଉଚିତ୍। ପୀଡିତ ପକ୍ଷଙ୍କ ଓକିଲ ଦୁଶାନ୍ତ ଦବେ ଅନୁରୋଧ କରିଛନ୍ତି ଯେ ସୁପ୍ରିମକୋର୍ଟ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କୁ କୁହନ୍ତୁ ଯେ, ଏଥର ଏହି ମାମଲାରେ ଅନ୍ୟ କୌଣସି ବେଞ୍ଚ ନିଷ୍ପତି ନିଅନ୍ତୁ। ଏହାର ଉତ୍ତରରେ ▶▶ପୃଷ୍ଠା ୭

## ପୁଣି ବଢିଲା ବସ୍ ଭଡା



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ରାଜ୍ୟରେ ପୁଣି ବଢ଼ିଛି ବସ୍ ଭଡ଼ା। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପ୍ରତି ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ଭଡ଼ା ୪ ପଇସା ବୃଦ୍ଧି ପାଇଛି। ସେହିପରି ସୁପର ପ୍ରିମିୟମ ଭଡ଼ା କି.ମି. ପିଛା ୬ ପଇସା ବଢ଼ିଛି। ଅଟୋମେଟିକ ମେକାନିଜିମ ଆଧାରରେ ବସ୍ ଭଡ଼ା ବୃଦ୍ଧି ପାଇଥିବା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୃଦ୍ଧି ପରେ ସାଧାରଣ ବସ୍ ଭଡା କିଲୋମିଟର ପିଛା ୯୦ରୁ ୯୨ ପଇସା ହୋଇଛି। ଏକ୍ସପ୍ରେସ୍ ବସ୍ ଭଡା୯୪ ପଇସାରୁ୯୬ ପଇସା, ଡିଲକ୍ସ ବସ୍ ରେ ଭଡା ୧ଟା ୩୧ ପଇସାରୁ ୧ଟଙ୍କା ୩୫ ପଇସା ହୋଇଛି। ସେହିପରି ଏସି ଡିଲକ୍ସ ବସ୍ ଭଡା ୧ ଟଙ୍କା ୫୯ ପଇସାରୁ ୧ ଟଙ୍କା ୬୩ ପଇସା ହୋଇଛି। ସୁପର ପ୍ରିମିୟମ ଭଡା ୨ଟଙ୍କା ୪୭ ପାଇସାରୁ ବଢ଼ି ୨ ଟଙ୍କା ୫୩ ପଇସା ହୋଇଛି।

## କିଛି ରାଜ୍ୟରେ କରୋନା ସଂକ୍ରମଣ ନେଇ ରାଜ୍ୟ ସରକାର ସତର୍କ

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଏପ୍ରିଲ - କିଛି ରାଜ୍ୟରେ ପୁଣି ଥରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାରୁ ଏ ନେଇ ରାଜ୍ୟ ସରକାର ସତର୍କ ଅଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ଦିଲ୍ଲୀ ଭଳି କିଛି ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଉଛି । ଏହାକୁ ନେଇ ରାଜ୍ୟ ସରକାର ସତର୍କ ଅଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ୭ରୁ ୮ ଜିଲ୍ଲା ଛାଡ଼ି ଦେଲେ ବାକି କେଉଁଠି କେସ୍ ନାହିଁ । ତେବେ ଜିଲ୍ଲା ମାନଙ୍କୁ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି- ରାଜ୍ୟରେ ଆଇସିଏମଆର ଗାଇଡଲାଇନ ଅନୁସାରେ ଟେଷ୍ଟ ବଢ଼ାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ଡ୍ରାଇଭର ମହାସଂଘର ବିଶାଳ ସମାବେଶ

### - ଆନ୍ଦୋଳନ ଯୋଗୁଁ ରାଜଧାନୀରେ ଟ୍ରାଫିକ୍ ସମସ୍ୟା

### - ୩ ମାସରେ ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ ଉଦ୍ୟମ କରାଯିବ : ମନ୍ତ୍ରୀ



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଆଗାମୀ ୩ ମାସ ମଧ୍ୟରେ ଡ୍ରାଇଭର ମାନଙ୍କ ଦାବି ପୂରଣ ନେଇ ଉଦ୍ୟମ କରାଯିବ। ଡ୍ରାଇଭର ମହାସଂଘର ଦାବି ସଂକ୍ରାନ୍ତରେ ପରିବହନ ଓ ଶ୍ରମ ବିଭାଗ ଅଧୀନରେ ଏକ କମିଟି ଗଠନ କରାଯିବ। ଏହି କମିଟି ବିଭିନ୍ନ ରାଜ୍ୟ ଗସ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି। ଡ୍ରାଇଭର ମହାସଂଘର କର୍ମକର୍ତାଙ୍କ ସହ ଆଲୋଚନା ପରେ ମନ୍ତ୍ରୀ ଏହା କହିଛନ୍ତି। ଡ୍ରାଇଭର ମହାସଂଘକୁ ଆନ୍ଦୋଳନ ପ୍ରତ୍ୟାହାର ପାଇଁ କୁହାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେନ୍ଦୁଲି କହିଛନ୍ତି ସରକାରଙ୍କ ସହ ଆଲୋଚନା ସଫଳ ହୋଇଛି। ଆନ୍ଦୋଳନ ପ୍ରତ୍ୟାହାର କରୁଛୁ। ୩ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ଡାକରା ଦିଆଯିବ ବୋଲି ସେ କହିଛନ୍ତି। ତେବେ ମହାସଂଘର ସମ୍ପାଦକ ଚୈତନ୍ୟ ପ୍ରଧାନ କହିଛନ୍ତି ଆଜି ପାଇଁ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। କାଲିଠୁ ଷ୍ଟିଅରିଂ ଛାଡ୍ ଆନ୍ଦୋଳନ କରିବୁ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ୧୦ ଦଫା ଦାବି ନେଇ ସୋମବାର ରାଜରାସ୍ତାକୁ ଓହ୍ଲାଇଛି ଓଡ଼ିଶା ଡ୍ରାଇଭର ମହାସଂଘ। ସୋମବାର ଭୋରରୁ ରାଜ୍ୟର ବିଭିନ୍ନ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଡ୍ରାଇଭର ଆସି ଭୁବନେଶ୍ୱରରେ ପହଂଚିବା ପରେ ମାଷ୍ଟରକ୍ୟାଂଟିନ୍ ଛକରେ ଏକତ୍ରିତ ହୋଇଥିଲେ। ଫଳରେ ଭୁବନେଶ୍ୱରର ରାସ୍ତାଘାଟଗୁଡ଼ିକ ଜାମ୍ ହୋଇଯାଇଥିଲା। ରସୁଲଗଡ଼, ବାଣୀବିହାର, ▶▶ପୃଷ୍ଠା ୭

## କଲେଜ ଓ ବିଶ୍ୱବିଦ୍ୟାଳୟରେ ଖରାଛୁଟି କମିଲା



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଗଣଶିକ୍ଷା ବିଭାଗ ପରେ ଖରାଛୁଟିରେ କାଂଟଛାଂଟ କରିଛି ଉଚ୍ଚଶିକ୍ଷା ବିଭାଗ। ଆସନ୍ତା ଜୁନ୍ ୧ରୁ ୧୬ ତାରିଖ ଯାଏଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଖରାଛୁଟି ରହିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି। କୋଭିଡ୍ ପାଇଁ ପାଠପଢ଼ା ପ୍ରଭାବିତ ହୋଇଥିବାରୁ ଖରାଛୁଟି ହ୍ରାସ କରାଯାଇଛି । ଦରକାର ପଡ଼ିଲେ ଛୁଟି ଦିନ ଓ କାର୍ଯ୍ୟ ଦିବସରେ ଅତିରିକ୍ତ କ୍ଲାସ୍ ହେବ ବୋଲି ବିଭାଗ କହିଛି । ପୂର୍ବରୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସ୍କୁଲ ଖରାଛୁଟି ହ୍ରାସ କରିଦିଆଯାଇଛି। ଚଳିତବର୍ଷ ଜୁନ୍ ୬ରୁ ୧୬ତାରିଖ ପର୍ଯ୍ୟନ୍ତ ଖରାଛୁଟି ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କୋଭିଡ-୧୯ ମହାମାରୀ ଯୋଗୁ ଗତ ଦୁଇ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପାଠପଢାରେ ହୋଇଥିବା କ୍ଷତିକୁ ଭରଣା କରିବା ପାଇଁ ଏହି ନିଷ୍ପତି ହୋଇଛି। ସେହିପରି ମେ ୧ରୁ ଜୁନ୍ ୫ ପର୍ଯ୍ୟନ୍ତ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ହେବ। ଏହି ସମୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିଷ୍ପତି ହୋଇଛି।

## ୪୦ ଟପିଲା ଟ୍ୱିନ୍ ସିଟି ତାପମାତ୍ରା

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମୁଣ୍ଡଫଟା ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ । ଏଭଳି ସ୍ଥିତିରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଟ୍ୱିନି ସିଟିର ତାପମାତ୍ରା ୪୦ ଡିଗ୍ରୀ ଡେଇଁଛି। ଭୁବନେଶ୍ୱରରେ ୪୦.୨ ଓ କଟକରେ ୪୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଆଜି ଅନୁଗୋଳ ଦିନର ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରହିଥିଲା। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆଜି ରାଜ୍ୟର ମୋଟ ୨୧ ସହରର ତାପମାତ୍ର ୪୦ ଡିଗ୍ରୀ ଉପରେ ରହିଥିଲା। ବଲାଙ୍ଗୀରରେ ୪୩.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ସମେତ ସୁନ୍ଦରଗଡ ଓ ଢେଙ୍କାନାଳରେ ୪୨, ଝାରସୁଗୁଡାରେ ୪୧.୮, କେନ୍ଦୁଝରଗଡ଼ରେ ୪୧, ସମ୍ବଲପୁରରେ ୪୧.୩, ସୋନପୁରରେ ୪୧.୬, ନୟାଗଡରେ ୪୦.୫, କେନ୍ଦ୍ରାପଡାରେ ୪୦.୫, ଭଦ୍ରକ ସମେତ ଦେବଗଡ, ନୂଆପଡା ଓ ଯାଜପୁରରେ ୪୦, ବାରିପଦାରେ ୪୨, ଟିଟିଲାଗଡରେ ୪୧.୭, ଭବାନୀପାଟଣାରେ ୪୧ ଓ ହୀରାକୁଦରେ ୪୦.୭ ଡିଗ୍ରୀ ତାପମାତ୍ରା ରହିଥିଲା। ଅପରପକ୍ଷରେ ଆସନ୍ତା ୫ ଦିନ ଯାଏଁ ତାପମାତ୍ରା ଏଭଳି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ସେଲ୍ଫ ଫାଇନାନ୍ସିଂ କୋର୍ସ ନେଇ ନିଷ୍ପତ୍ତି ବଦଳାଇଲେ ସରକାର

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ସେଲ୍ଫ ଫାଇନାନ୍ସିଂ କୋର୍ସ ନେଇ ନିଷ୍ପତି ବଦଳାଇଛନ୍ତି ରାଜ୍ୟ ସରକାର। ପୂର୍ବଭଳି କଲେଜ ଗୁଡ଼ିକରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଚାଲୁ ରହିବ। ଏସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ଚିଠି ଲେଖି ଜଣାଇଛନ୍ତି। ▶▶ପୃଷ୍ଠା ୭

## ସ୍ଥଳ ସେନା ମୁଖ୍ୟ ହେବେ ଲେଫ୍ଟନାଣ୍ଟ ଜେନେରାଲ ମନୋଜ ପାଣ୍ଡେ



ନୂଆଦିଲ୍ଲୀ, ୧୮/୦୪ : ଭାରତୀୟ ସ୍ଥଳ ସେନାର ମୁଖ୍ୟ ହେବେ ଲେଫ୍ଟନାଣ୍ଟ ଜେନେରାଲ ମନୋଜ ପାଣ୍ଡେ। ଦେଶର ୨୯ତମ ସ୍ଥଳ ସେନା ମୁଖ୍ୟ ଭାବେ ଜେନେରାଲ ପାଣ୍ଡେଙ୍କୁ ମନୋନୀତ କରାଯାଇଛି। ବରିଷ୍ଠତା ଦୃଷ୍ଟିରୁ ତାଙ୍କୁ ଏପରି ନିଯୁକ୍ତି ମିଳିଛି। ଏପ୍ରିଲ ୩୦ରେ ବର୍ତ୍ତମାନ ସ୍ଥଳସେନା ମୁଖ୍ୟ ଭାବେ କାମ କରୁଥିବା ଜେନେରାଲ ମନୋଜ ମୁକୁନ୍ଦ ନରଭାଣେଙ୍କ କାର୍ଯ୍ୟକାଳ ଶେଷ ହେବ। ଏହାପରେ ହିଁ ଲେଫ୍ଟନାଣ୍ଟ ଜେନେରାଲ ମନୋଜ ପାଣ୍ଡେ ଦେଶର ସେନାଧକ୍ଷ ହେବେ। କ୍ରପ୍ସ ଇଞ୍ଜିନିୟର୍ସର ପ୍ରଥମ ଅଫିସର ଭାବେ ଜେନେରାଲ ମନୋଜ ପାଣ୍ଡେ ଦେଶର ସ୍ଥଳ ସେନା ହେବାର ରେକର୍ଡ ମଧ୍ୟ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଲେଫ୍ଟନାଣ୍ଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ଦେଶର ସେନାଧକ୍ଷ ଭାବେ ନିଯୁକ୍ତି ଦେବାକୁ ସରକାର ନିଷ୍ପତ୍ତି ନେଇଥିବା କୁହାଯାଇଛି। ଜେନେରାଲ ମୋନଜ ପାଣ୍ଡେ ୧୯୮୨ ଡିସେମ୍ବରରେ କ୍ରପ୍ସ ଅଫ ଇଞ୍ଜିନିୟର୍ସ ଭାବେ କମିଶନଡ ପାଇଥିଲେ। ଏହାପରେ ଦୀର୍ଘ ୩୭ ବର୍ଷ ହେଲା ଭାରତୀୟ ସେନାରେ କାର୍ଯ୍ୟରତ ଥିବା ଜେନେରାଲ ପାଣ୍ଡେ ଅପରେସନ ପରାକ୍ରମ ଓ ଅପରେସନ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଦୀର୍ଘ ୩୯ ବର୍ଷ ହେଲାଣି ଭାରତୀୟ ସେନା ସହ ଜଡ଼ିତ ହୋଇ ରହିଛନ୍ତି। ଜାନୁଆରୀ ୩୧ରୁ ସେ ସ୍ଥଳ ସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

## ଦିଲ୍ଲୀ ହିଂସା: ପୁଣି ପୁଲିସ ଉପରେ ପଥର ମାଡ଼ କଲେ ମହିଳା



ନୂଆଦିଲ୍ଲୀ, ୧୮/୦୪ : ରାଜଧାନୀ ଦିଲ୍ଲୀ ଜାହାଙ୍ଗିରପୁରୀରେ ସୋମବାର ପୁଣି ହିଂସା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରେ ପୁଣି ପଥର ମାଡ଼ ହୋଇଛି। ଗତ ଶନିବାର ହନୁମାନ ଜୟନ୍ତୀ ପାଇଁ ଶୋଭାଯାତ୍ରା ବେଳେ ଧାର୍ମିକ ହିଂସା ଉପୁଜିଥିଲା। ଏହା ପରଠାରୁ ଉତ୍ତେଜନା ଲାଗି ରହିଛି। ଶନିବାର ଘଟଣାରେ ଜଣକୁ ପଚରାଉଚରା ପାଇଁ ପୁଲିସ ଜଣେ ମହିଳାଙ୍କୁ ନିଜ ହେପାଜତକୁ ନେଇଥିଲା। ଏହାକୁ ବିରୋଧ କରି ପ୍ରାୟ ୫୦ ଜଣ ମହିଳା ବିକ୍ଷୋଭ ଆରମ୍ଭ କରିବା ସହ ପୁଲିସ ଉପରକୁ ପଥରମାଡ଼ କରିଛନ୍ତି। ଶନିବାର ଗୋଷ୍ଠୀ ସଂଘର୍ଷ ବେଳେ ସୁନୋ ନାମକ ଜଣେ ଯୁବକ ଖୋଲା ଗୁଳି ଚାଳନା କରିଥିଲେ। ଏହା ପରେ ଅଭିଯୁକ୍ତ ସୁନୋ ଫେରାର ଥିବା ବେଳେ ପୁଲିସ ତାଙ୍କ ସ୍ତ୍ରୀକୁ ପଚରାଉଚରା ପାଇଁ ଉଠାଇ ନେଇଛି। ତେବେ ତାଙ୍କୁ ସୋମବାର ପୁଲିସ ନେଉଥିବା ବେଳେ ଅନ୍ୟ ଛାତ ଉପରୁ କିଛି ମହିଳା ଟେକା ପଥର ମାଡ଼ କରିଥିଲେ। ଆଜି ସୁନୋଙ୍କ ଘରକୁ ପୁଲିସ ଯାଇଥିବା ବେଳେ ତାଙ୍କର ଘରର ସଦସ୍ୟ ଦୁଇଟି ଢେଲା ମାଡ଼ କରିଥିବା ଦିଲ୍ଲୀ-ଉତ୍ତରପୂର୍ବ ଡେପୁଟି ପୁଲିସ କମିଶନର କହିଛନ୍ତି । ସୁନୋଙ୍କୁ ଧରିବା ପାଇଁ ସର୍ଚ୍ଚ ଅଭିଯାନ ଜାରି ରହିଥିବା ବେଳେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି। ଏବେ ପରିସ୍ଥିତି ନିୟନ୍ତ୍ରଣ ଥିବା ପୁଲିସ କହିଛି। ଅନ୍ୟପଟେ ଦିଲ୍ଲୀ ଜାହାଙ୍ଗିରପୁରୀ ହିଂସାକାଣ୍ଡ ପରେ ବଢ଼ିଛି ସୁରକ୍ଷା ବ୍ୟବସ୍ଥା । ଦିଲ୍ଲୀ ପୁଲିସ ପକ୍ଷରୁ ଆଜି ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଜାହାଙ୍ଗିରପୁରୀ ଅଞ୍ଚଳରେ ପୁଲିସ ପଇନ୍ତରା ମାରିଛି । ଏବେ ଯାଏଁ ମାମଲାରେ ୨୧ ଜଣଙ୍କୁ ଗିରଫ କରିଛି ପୁଲିସ। ସମ୍ପୂର୍ଣ୍ଣ ଅଞ୍ଚଳରେ ପୁଲିସ ଫୋର୍ସ ସଂଖ୍ୟାକୁ ବଢ଼ାଯାଇଛି । ଯେପରି କୌଣସି ଅପ୍ରୀତିକର ସ୍ଥିତି ଉପୁଜିବନି ସେ ନେଇ କଡ଼ା ନଜର ରଖାଯାଇଛି। ଶନିବାର ରାତିରେ ଜାହାଙ୍ଗିରପୁରୀରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଘଟିଥିଲା। ଶୋଭାଯାତ୍ରା ବେଳେ ପଥରମାଡ଼, ଭଙ୍ଗାରୁଜା ଓ ଜଳାପୋଡା ବି ହୋଇଥିଲା । ହିଂସାକାଣ୍ଡରେ କିଛି ପୁଲିସ କର୍ମଚାରୀଙ୍କ ସମେତ ବହୁ ସାଧାରଣ ଲୋକ ଆହତ ହୋଇଛନ୍ତି । ପଥରମାଡ଼ରେ ଅନେକ ଗାଡ଼ି ମଧ୍ୟ ଭାଙ୍ଗି ଯାଇଛି ।

## ପୂର୍ବତନ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ଜାମିନ୍

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ପୂର୍ବତନ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ଜାମିନ୍ ମିଳିଛି। ପ୍ରମାଣ ନଷ୍ଟ ନ କରିବା ଏବଂ ଅନ୍ୟାନ୍ୟ ସର୍ତ୍ତ ସହ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ ନ ହେବାରୁ ଜାମିନ ମିଳିଛି । ସୂଚନାଯୋଗ୍ୟ ଗତ ଫେବୃଆରୀ ମାସରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍ ରେ ଅଛନ୍ତି ତ୍ରିନାଥ ମିଶ୍ର। ତାଙ୍କୁ ଗିରଫ କରିଥିଲା। ପରେ ରାଜ୍ୟ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ମଧ୍ୟ ଦେଇଥିଲେ । ଭିଜିଲାନ୍ସ ଚଢାଉ ବେଳେ ତାଙ୍କର ଏକାଧିକ ପ୍ଲଟ୍ ଓ ଦାମୀ ଗାଡି ମିଳିଥିଲା।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଗଠିତ ଗୃହ କମିଟି ବୈଠକ ଖୁବ୍ ଶୀଘ୍ର : ବାଚସ୍ପତି

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଗଠିତ ଗୃହ କମିଟି ବୈଠକ ଖୁବ୍ ଶୀଘ୍ର ହେବ ବୋଲି ସୂଚନା ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର । ସେ କହିଛନ୍ତି ଯେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଓ ଆଇନ ବିଭାଗ ସହ ଆଲୋଚନା କରାଯିବ । ସେହିପରି କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରାଯିବ । ଏ ସମ୍ପର୍କରେ ବୈଠକ ପରେ ହେବ ପରବର୍ତ୍ତୀ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି ।

# ଭବାନୀପାଟଣାଠାରେ ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହଣ କମିଟି ବୈଠକ

ଭବାନୀପାଟଣା,୧୮/୦୪ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଆଜି ଜିଲ୍ଲା ସ୍ତରୀୟ ରବି ଋତୁ ପାଇଁ ଧାନ ସଂଗ୍ରହଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ ପଣ୍ଡା, କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଭବାନୀପାଟଣା, ଧର୍ମଗଡ ତଥା ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି, ଉପଜିଲ୍ଲାପାଳ ଭବାନୀପାଟଣା ଡଃ. ବିଶ୍ୱଜିତ୍ ଦାସ, ଜିଲ୍ଲା ସ୍ତରୀୟ ଅଧିକାରୀ, ଆର୍ ଏମ ସି ଏସ୍ ସମ୍ପାଦକ, ଚାଷୀ ପ୍ରତିନିଧି, ମିଲର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ବିଶଦ୍ ସୂଚନା ପ୍ରଦାନ କରିଥିଲେ । ଚଳିତ ବର୍ଷ ରବି ଋତୁରେ ଜିଲ୍ଲାରେ ସମୁଦାୟ ୧୭,୩୯୯ ଜଣ ଚାଷୀ ଧାନ ବିକ୍ରୟ କରିବା ନିମନ୍ତେ ପଞ୍ଜୀକୃତ ହୋଇଛନ୍ତି । ସମୁଦାୟ ୫୪ ଗୋଟି ପ୍ରାଥମିକ ସେବା ସମବାୟ ସମିତି ଏବଂ ୧୭ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୦୨ ଗୋଟି ଖୋଲାଯିବା ପାଇଁ ସ୍ଥିର କରାଯାଇଛି । ସରକାରଙ୍କ ନିର୍ଦ୍ଦେଶ ମୁତାବକ, ଚାଷୀ ମାନଙ୍କ ସମସ୍ତ ପଞ୍ଜୀକୃତ ଜମି ରାଜସ୍ୱ ନିରିକ୍ଷକ, ଭି.ଏ.ଡବ୍ଲୁ, ପ୍ୟାକ୍ସ କର୍ମଚାରୀ ଶତ ପ୍ରତିଶତ ତଦାରଖ କରାଯାଉଛି । ସମସ୍ତ ମଣ୍ଡି ଗୁଡିକରେ ପ୍ରତ୍ୟେକ ସ୍ଥିରୀକୃତ ଦିନରେ ଟୋକନ ପାଇଥିବା ଚାଷୀ ମାନେ ସକାଳ ୭.୦୦ ଘ୍ ରୁ ୧୨.୦୦ଘ୍ ମଧ୍ୟରେ ମଣ୍ଡିକୁ ଧାନ ଆଣି ଧାନ ବିକ୍ରୟ କରିପାରିବେ । ପ୍ରତ୍ୟେକ ମଣ୍ଡି ଗୁଡିକରେ ପାନୀୟ ଜଳ,ବିଶ୍ରାମ ଗୃହ, ଶୌଚାଳୟ, ଇତ୍ୟାଦି ବ୍ୟବସ୍ଥା କରିବା ନିମନ୍ତେ ଆର.ଏମ.ସି. କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦ୍ ବ୍ୟତୀତ ଆବଶ୍ୟକ ମୁତାବକ ତାର୍ପୋଲିନ, ପଲିଥିନ ପ୍ରତ୍ୟେକ ମଣ୍ଡିରେ ଯୋଗାଇବାକୁ ନିଷ୍ପତି ନିଆଯାଇଥିଲା । ସାଂସଦ ଚାଷୀମାନଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ଦିନ କ୍ରୟ ହୋଇଥିବା ଧାନକୁ ସେହି ଦିନ ମିଲର ମାନେ ଉଠାଣ ନିମନ୍ତେ କହିଥିଲେ ଏବଂ ଏଥିରେ ମିଲର ମାନେ ସମ୍ମତି ପ୍ରକାଶ କଲେ । ମିଲର ପ୍ରତିନିଧି ମାନେ ଏଫ.ସି.ଆଇ. ଠିକ୍ ସମୟରେ ଚାଉଳ ଉଠାଣ କରୁ ନ ଥିବାରୁ ମିଲ୍ ନିୟମିତ ଚାଲି ପାରୁନାହିଁ ତଦ୍ୱାରା ରବିଋତୁରେ ଧାନ ଉଠାଣ ସମସ୍ୟା ଦେଖା ଦେଇପାରେ । ଏହି ପରିପେକ୍ଷିରେ ଜିଲ୍ଲାପାଳ ଏଫ.ସି.ଆଇ. ଅଧିକାରୀଙ୍କୁ ଚାଉଳ ଉଠାଣକୁ ତ୍ୱରାନିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଧାନ କ୍ରୟ ଆରମ୍ଭ କରିବାର ତାରିଖ ନିର୍ଣ୍ଣୟ ନିମନ୍ତେ ପ୍ରତିନିଧି ମାନଙ୍କ ସହ ଆଲୋଚନା କରାଯାଇ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକରେ ମେ ମାସ ୨୦ ତାରିଖରୁ ୨୫ ତାରିଖ ମଧ୍ୟରେ ମଣ୍ଡି ଖୋଲାଯିବା ପାଇଁ ସ୍ଥିର କରାଯାଇଥିଲା । ଶେଷରେ ସି.ଏସ.ଓ. ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ଆରୋଗ୍ୟ ସମିତି ତରଫରୁ ଦହିପାଣି ବଂଟନ

କେନ୍ଦ୍ରାପଡ଼ା,୧୮/୦୪ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମହିପାଳ ଠାରେ ଥିବା ମହିଳା ଆରୋଗ୍ୟ ସମିତି ତରଫରୁ ମା ମହିପାଳିନୀ ଠାକୁରାଣୀଙ୍କ ସାମନାରେ ଏକ ଜଳଛତ୍ର ଉଦ୍‌ଘାଟନ ହୋଇଯାଇଛି । ରବିବାର ମହିଳା ଆରୋଗ୍ୟ ସମିତିର ସଭାପତି ଶଶିରେଖା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ଯାତାୟତ କରୁଥିବା ପଥଚାରୀ, ବୃଦ୍ଧ-ବୃଦ୍ଧା, ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଦହିପାଣି ବଂଟନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଅନିତା ନାଥ, ଲକ୍ଷ୍ମୀପ୍ରିୟା ପୃଷ୍ଟି, କୌଶଲ୍ୟା ତ୍ରିପାଠୀ, ନୟନା ଷେଣ୍ଡ, ଶାନ୍ତିଲତା ତ୍ରିପାଠୀ ପ୍ରମୁଖ ମହିଳା ସହଯୋଗ କରିଥିଲେ ।

# ଖଡିଆଳ ପାଟଣା କ୍ଷତ୍ରୀୟ ସମାଜର ପରିଷଦ ଓ ପରାମର୍ଶଦାତା ନିର୍ବାଚନ ଅନୁଷ୍ଠିତ

ନୂଆପଡ଼ା,୧୮/୦୪ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଚିନ୍ଦାଗୁଡା ଗ୍ରାମ ପଂଚାୟତ ଅନ୍ତର୍ଗତ କାଦୋପଡା ଗ୍ରାମ ଠାରେ ଖଡିଆଳ ପାଠଣା କ୍ଷତ୍ରୀୟ ସମାଜର ପରିଷଦ ନିର୍ବାଚନ ଓ ପରାମର୍ଶ ଦାତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପ କୂଳପତି ଭାବରେ ଅଧାପକ ସୁରେନ୍ଦ୍ର କୁମାର ପ୍ରଧାନୀ, ସଂଗଠକ ଭାବରେ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, କୋଷାଧକ୍ଷ ଭାବରେ ଶ୍ରୀବତ୍ସ ବାରିକ, ସହ ସମ୍ପାଦକ ଭାବରେ ସୁନିଲ କୁମାର ମାଝୀ, ଯୁଗ୍ମ ସମ୍ପାଦକ ଭାବରେ ଘୁମେଶ କୁମାର ଚଳାନ ଓ ସହ ସଂଗଠକ ଭାବରେ ବିଭୁତି ଭୁଷଣ ବିଶି ଙ୍କୁ ସର୍ବ ସମ୍ମତି କ୍ରମେ ମନୋନିତ କରାଯାଇଥିଲା । ସୁଚନା ଥାଉକି ଗତ ଏପ୍ରିଲ ୨ ତାରିଖ ଦିନ ମହାସଭା ଅନୁଷ୍ଠିତ ହୋଇଥିବା ବେଳେ ମହାସଭାରେ କୂଳପତି ଭାବରେ ଶତ୍ରୁକିଶୋର ଦଣ୍ଡସେନା ଓ ମୁଖ୍ୟ ସମ୍ପାଦକ ଭାବରେ ଦିଲ୍ଲିପ କୁମାର ନାଏକ ନିର୍ବାଚିତ ହୋଇଥିଲେ । ପରେ ଦ୍ୱିତୀୟ ଅଧିବେଶନରେ ପରାମର୍ଶ ଦାତା ମଣ୍ଡଳୀ ନବ ନିର୍ବାଚିତ ପରିଷଦ ଦ୍ୱାରା ଚୟନ କରାଯାଇଥିଲା । ପରାମର୍ଶଦାତା ଭାବରେ ପୁର୍ବତନ କୂଳପତି ବିଜୟ ସିଂ ମହାରଥା, ପ୍ରାକ୍ତନ କୂଳପତି ଦ୍ୱୟ ଜିତେନ୍ଦ୍ର ସିଂ ବାରିକ ଓ ଜ୍ଞାନ ପ୍ରକାଶ ସିଂ, କେତନ ସିଂ ବାରିକ, ପୁର୍ବତନ ଉପକୁଳପତି ମହେଶ୍ୱର ପ୍ରସାଦ ବାରିକ, ଅଶ୍ୱିନୀ ପ୍ରଧାନୀ, ବିଦ୍ୟାଧର ବିଶି ଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ପ୍ରଥମ ଅଧିବେଶନ ରେ କୂଳପତି ଶତ୍ରୁକିଶୋର ଦଣ୍ଡସେନା ଅଧକ୍ଷତା କରିଥିବା ବେଳେ ଅତିଥି ଭାବରେ ପୂର୍ବତନ କୂଳପତି ଡିଜଲେଶ୍ୱର ବାରିକ, ପୁର୍ବତନ ମୁଖ୍ୟ ସମ୍ପାଦକ ବୃନ୍ଦାବନ ବାରିକ , ପରାମର୍ଶଦାତା ସୈଲେନ୍ଦ୍ର ବାରିକ, ହରିଶ୍ଚନ୍ଦ୍ର ବାରିକ, ଚନ୍ଦ୍ରକୁମାର ବାରିକ, ପୁର୍ବତନ କୋଷାଧକ୍ଷ ଲୋକନାଥ ବାରିକ,ସହ ସଙ୍ଗଠକ ଅନୀଲ କୁମାର ଦଣ୍ଡସେନା ପ୍ରମୁଖ ମଂଚାସୀନ ଥିଲେ । ଏହି ସଭାରେ ନୂଆପଡା ଜିଲ୍ଲା ସମେତ ଛତିଶଗଡ ର ବାଗବାହାରା, ଗମ୍ଭାରୀଗୁଡା, ସର୍ଗିଗୁଡା ସମେତ ବଲାଙ୍ଗିର ଜିଲ୍ଲାର ମହଖଣ୍ଡ, କପିଳାଭଟା ଓ ବଲଧା ସମେତ ୨୭ ଗୋଟି ର ଅଂଚଳ କର୍ମକର୍ତା ସାମିଲ ରହିଥିଲେ ।

# ଧର୍ମଶାଳା ମୁନସୀ ମିଳନ କମିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା,୧୮/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ମୁନସୀ ମିଳନ କମିଟି ପକ୍ଷରୁ ଆଜି ଧର୍ମଶାଳା ଥାନା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କମିଟିର ସଭାପତି ତଥା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ବହୁ ଯୁବକ ଏବଂ ମହିଳାମାନେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । କେନ୍ଦ୍ରୀୟ ରେଡ଼କ୍ରସ ଭଣ୍ଡାର, କଟକ ଏସ୍‌ସିବି ମେଡିକାଲ ଏବଂ ଯାଜପୁର ରକ୍ତ ଭଣ୍ଡାରର ବିଶେଷଜ୍ଞମାନେ ଏଥିରେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହିତ କରିଥିଲେ । ମୁନସୀ ମିଳନ କମିଟି ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତାମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରୁ ସଂଗୃହିତ ରକ୍ତ ଦେଖାଦେଉଥିବା ରକ୍ତର ଅଭାବକୁ କିଛି ମାତ୍ରାରେ ଦୂର କରିବାରେ ସହାୟକ ହେବ ବୋଲି ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି ।

# ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ପକ୍ଷରୁ ବନ୍ଧୁମିଳନ ଓ ବଣଭୋଜି

ପୁରୀ,୧୮/୦୪ (ନି.ପ୍ର): ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପୁରୀ ଜିଲ୍ଲା ପକ୍ଷରୁ ବନ୍ଧୁ ମିଳନ ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଛି । ସାଧାରଣ ଜନତାର ସ୍ୱରକୁ ଓ କଣ୍ଠରୋଧ ଶୋଷିତ ଜନତାଙ୍କ ଅନ୍ତର କଥାକୁ ସାଧାରଣ ଜନତାଙ୍କ ପାଖରେ ପହଂଚାଇବା ପାଇଁ ସଂଘର ସାମ୍ବାଦିକମାନେ ଶପଥ ନେଇଥିଲେ । ଜିଲ୍ଲା ସଂଘ ପକ୍ଷରୁ ନୂଆନଇ ନିକଟରେ ଜିଲ୍ଲା ସମ୍ମିଳନୀ, ବନ୍ଧୁମିଳନ ଓ ବଣଭୋଜିର ଆୟୋଜନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ଫଟୋ ଜର୍ନାଲିଷ୍ଟ ଡ଼ି.ପି.ଗାଙ୍ଗୁଲି ସଭାପତିତ୍ୱ କରିଥିଲେ । ଅଗାମୀ ଦିନରେ ସଂଘ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ, ବୃକ୍ଷରୋପଣ, ଗରିବଙ୍କୁ ସାହାର୍ଯ୍ୟ ଓ ମେଧାବି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ସାମ୍ବାଦିକ ସୁରକ୍ଷା ଆଇନ ବିଧାନସଭାରେ ପାରିତ କରିବା ପାଇଁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବରିଷ୍ଠ ସମାଜସେବୀ, ଆଇନଜୀବୀ ତଥା ସଂଘର ମାର୍ଗଦର୍ଶକ ଉପଦେଷ୍ଟା ଚକ୍ରଧର ମହାପାତ୍ର, ସଂସ୍କୃତି ଗବେଷକ ବିଶ୍ୱନାଥ ମିଶ୍ର, ସଂଘର ଜିଲ୍ଲା ସଭାପତି ବିଜୟ ମିଶ୍ର. ସମ୍ପାଦକ ସୁଧାଂଶୁ ଶେଖର କର, ଯୁଗ୍ମ ସଂପାଦକ ଦେବେନ୍ଦ୍ର କୁମାର ନନ୍ଦ, କୋଷାଧକ୍ଷ ସାଗର ମଦନ ମୋହନ ପ୍ରତିହାରୀ, ସୁବୋଧ କୁମାର ସୁବୁଦ୍ଧି, ଦିବ୍ୟରଞ୍ଜନ ବିଶୋଇ, ସତ୍ୟନାରାୟଣ ପଟ୍ଟନାୟକ, ପ୍ରଦୀପ ପ୍ରଧାନ, ଅନିମେଶ ପଟ୍ଟନାୟକ,ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବକାରୀ ଚଢଉ: ମଦ ଭାଟି ଭାଙ୍ଗିବା ସହ ମଦ ଓ ପୋଚ ଜବତ

ଜୟପୁର, ୧୭ ଅପ୍ରେଲ (ହି.ସ.)- ଜୟପୁର ଅବକାରୀ ବିଭାଗ ପକ୍ଷରୁ ଚଢଉ ହୋଇଛି । ସଦର ଥାନା ଅନ୍ତର୍ଗତ ନଳିଗୁଡା ଜଙ୍ଗଲରେ ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଅବକାରୀ ବିଭାଗ ଚଢଉ କରିଥିଲା । ଚଢଉ କରି ୫ଟି ମଦ ଭାଟି ଭାଙ୍ଗିଥିବା ବେଳେ ୧ ହଜାର ଲିଟର ପୋଚ, ୩ ଶହ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି ।

# ଜୟପୁର ସିଟି ଆଇସ୍କୁଲର ନୂତନ କୋଠାକୁ ଉଦଘାଟନ

ଜୟପୁର,୧୮/୦୪ (ନି.ପ୍ର): ଜୟପୁର ସିଟି ଆଇସ୍କୁଲର ନୂତନ କୋଠାକୁ ଉଦଘାଟନ କରିଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା । ଏହି କୋଠା ନିର୍ମାଣ ପାଇ ସାଂସଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ । ଏହି ନୂତନ କୋଠାକୁ ଉଦଘାଟନ କରିଛନ୍ତି । ଏହି ଟଙ୍କା ସୁବିନିଯୋଗ କରିଥିବାରୁ ବିଦ୍ୟାଳୟର ପରିଚାଳନା କମିଟିକୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସଭ୍ୟ ଶଶି ପଟ୍ଟନାୟକ ବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୁରଣ ପାଇ ଏକ ଦାବୀ ପତ୍ର ସାଂସଦ ଉଲ୍ଲକାଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ରହି ବିଦ୍ୟାଳୟର ପରିବେଶ , ଛାତ୍ର ଛାତ୍ରୀକୁ ଦେଖି ଖୁସି ପ୍ରକଟ କରିଥିଲେ । ବିରେଶ ପଟ୍ଟନାୟକ କାଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରି ବି. ସୁଜାତା, ସଦସ୍ୟ ତଥା କାଉନସିଲର ପଦ୍ମା ରେଡ୍ଡି ଉପସ୍ଥିତ ରହିଥିବା ବେଳେ ପ୍ରତାପ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଉଥିବା ବେଳେ ଏ ଶ୍ରୀନିବାସ ରାଓ ଧନ୍ୟବାଦ ଦେଇଥିଲେ । ଜିଲା ମିନେରାଲ ଫଣ୍ଡରୁ ବିଦ୍ୟାଳୟରେ କମ୍ପୁଟର ଲ୍ୟାବ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ ।

## ୧୨୮ ଲିଟର ଦେଶି ମଦ ଜବତ, ୨ ଗିରଫ

ଗଞ୍ଜାମ,୧୮/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ପକ୍ଷରୁ ଗତକାଲି ରାତିରେ ପେଟ୍ରୋଲିଂ ବେଳେ ଦୁଇ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ଗୋଟିଏ ସ୍ଥାନରୁ ୭୨ ଲିଟର ଓ ଅନ୍ୟ ଏକ ସ୍ଥାନରୁ ୫୬ ଲିଟର ଏହିପରି ମୋଟ୍ ୧୨୮ ଲିଟର ଦେଶି ମଦ ଜବତ କରାଯାଇଛି । ଗିରଫ ଦୁଇ ଜଣ ହେଲେ ଗୋଳନ୍ଥରା ଗ୍ରାମର ପ୍ରଶାନ୍ତ ଦାଶ । ସେ ଗୋପୀନାଥପୁର ବିଶ୍ରାମାଗାର ଠାରେ ମଦ ରଖିଥିବା ବେଳେ ପୋଲିସ ତାକୁ ଧରିବା ସହ ମଦ ଜବତ କରିଥିଲା । ସେହିପରି ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲି ଠାକୁରାଣୀ ମନ୍ଦିର ନିକଟରେ ୫୬ ଲିଟର ମଦ ଜବତ କରାଯାଇଛି । ଏହି ମଦ ମଧ୍ୟ ପ୍ରଶାନ୍ତ ଦାଶଙ୍କର ବୋଲି ଜଣାପଡିଛି । ଏହି ଘଟଣାରେ ହିଞ୍ଜିଳି ପୋଲିସ ହରିହର ଦାଶ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଥାନା କେସ୍ ନଂ ୧୮୫/୨୨ ଓ ୧୮୬/୨୨ ରେ ପୃଥକ୍ ପୃଥକ୍ ମାମଲା ରୁଜ୍ଜୁ କରାଯାଇଥିବା ନେଇ ଥାନା ଅଧିକାରୀ ଅଭିମନ୍ୟୁ ଦାଶ ସୂଚନା ଦେଇଛନ୍ତି ।

# ବେଗୁନିଆପଡା ବ୍ଲକ ପରିସରରେ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ

ଗଞ୍ଜାମ,୧୮/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ପରିସରରେ ଶନିବାର ଦିନ ସ୍ୱାସ୍ଥ୍ୟ ସଚେତନା ରଥର ଶୁଭାରମ୍ଭ କରାଯାଇଛି । ଏହି ରଥକୁ ବ୍ଲକ ଏବିଡିଓ ନିରଞ୍ଜନ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ବେଗୁନିଆପଡା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, କୋଦଳା ମେଡିକାଲ ଅଫିସର ଆଦିତ୍ୟ ପ୍ରସାଦ ସାହୁ, ଚିନ୍ମୟ ପ୍ରସାଦ ମହାପାତ୍ର, ପିଏଚଓ କବି ଦାସ, ବିପିଏମ୍ ଗଣେଶ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରତିନିଧି ଗୋପବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ରଥ ବେଗୁନିଆପଡା ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରିବା ସହ ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବ ।

ଆସନ୍ତା ୧୯ ତାରିଖ ଦିନ ସୁମଣ୍ଡଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜାଦିର ଅମୃତ ମହୋତ୍ସବ ଉପଲକ୍ଷେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ । ଏଥିରେ ଡିଜିଟାଲ ସ୍ୱାସ୍ଥ୍ୟ ଆଇଡି ସୃଷ୍ଟି କରାଯିବ । ଅଣସଂକ୍ରମକ ରୋଗର ଯାଂଚ୍ ଏବଂ ସେବା, ମଧୁମେହ ରକ୍ତଚାପ, ମୁଖଗହ୍ୱର କର୍କଟ, ସଂକ୍ରମକ ରୋଗ ଯଥା ମେଲେରିୟା ଲାପ୍ରୋସ୍, ଯକ୍ଷ୍ମା ରୋଗର ସେବା, ଏଚଆଇଭି ଓ ଏଡ୍ସ ପରାମର୍ଶ ସେବା, ଆଖିର ପରିକ୍ଷା ଏବଂ ସେବା, ଲାବ୍ରୋଟରୀ ପରିକ୍ଷା, ଟେଲି ସ୍ୱାସ୍ଥ୍ୟ ସେବା, ଟିକାକରଣ, ବିନା ମୂଲ୍ୟରେ ଔଷଧ ବିତରଣ, ଯୋଗ ଏବଂ ଧାନ ସମ୍ବନ୍ଧିୟ ଶିକ୍ଷା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସମ୍ବନ୍ଧିୟ ସୂଚନା ଶିକ୍ଷା ଏବଂ ଯୋଗାଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବ ।

# ଶାବରୀ ସୁକନ୍ୟା ସମ୍ମାନ-୨୦୨୨ ଅନୁଷ୍ଠିତ

ଜୟପୁର,୧୮/୦୪ (ନି.ପ୍ର): ଜିଲ୍ଲା ସଂସ୍କୃତି ପରିଷଦ କୋରାପୁଟ, ତରୁଣ ପ୍ରଜ୍ଞା ଭାରତୀ ଜୟପୁର,ଆଦିବାସୀ ସଂସ୍କୃତି ଗବେଷଣା କେନ୍ଦ୍ର(ଜଗନ୍ନାଥ ମନ୍ଦିର)କୋରାପୁଟ, ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ)କୋରାପୁଟ ଏବଂ ଆଦିବାସୀ ସଂଗ୍ରହାଳୟ କୋରାପୁଟଙ୍କ ମିଳିତ ଆନୁକୂଲ୍ୟରେ ଆଦିବାସୀ ସଂଗ୍ରହାଳୟ କୋରାପୁଟ ପରିସରରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀ ଗୋଷ୍ଠୀର କନ୍ୟାମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ କୋୟା, ଡଙ୍ଗରିଆ କନ୍ଧ, ପରଜା, ଦୁରୁଆ ଓ ଭୂମିଆ ସମ୍ପ୍ରଦାୟର କନ୍ୟାମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଉତମ ପ୍ରଦର୍ଶନ କରିଥିବା କନ୍ୟାମାନଙ୍କୁ ଶାବରୀ ସୁକନ୍ୟା ସମ୍ମାନ- ୨୦୨୨ ପ୍ରଦାନ କରାଯାଇଥିଲା । ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ କୋରାପୁଟର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୋରାପୁଟ ଶ୍ରୀ ରାଜେନ୍ଦ୍ର ମାଝି ଏବଂ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ପ୍ରୀତିସୁଧା ଜେନା,ଆଦିବାସୀ ସଂଗ୍ରହାଳୟ କୋରାପୁଟର ନିର୍ଦ୍ଦେଶକ ତଥା ସମ୍ପାଦକ ଜଗନ୍ନାଥ ମନ୍ଦିର କୋରାପୁଟ ଡ.ଜଗବନ୍ଧୁ ସାମଲ,ତରୁଣ ପ୍ରଜ୍ଞା ଭାରତୀ ଜୟପୁରର ସଭାପତି ଡ.ଗଙ୍ଗାଧର ନନ୍ଦ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଶ୍ରୀ ଉମାକାନ୍ତ ଦାଶ ଯୋଗଦାନ କରି ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ବେଶପୋଷାକ,ଭାଷା,ସାଂସ୍କୃତିକ ସ୍ୱତନ୍ତ୍ରତା,ପାରିବାରିକ ରୀତିନୀତି ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ତରୁଣ ପ୍ରଜ୍ଞା ଭାରତୀ, ଜୟପୁରର ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚାନ୍ଦିନୀ ନିଶା ବେଗମ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ପାରମ୍ପରିକ ରୀତିରେ ଆଦିବାସୀ ଦେବତାଙ୍କ ନିକଟରେ ଭକ୍ତି ସୁମନ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପରେ ପରେ ଆଦିବାସୀ କନ୍ୟାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା । ବିଚାରକ ଭାବେ ଡ.ରାଜେନ୍ଦ୍ର ପାଢ଼ୀ, ଶ୍ରୀ ଜଗନ୍ନାଥ ରଥ,ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପାଢୀ,ଶ୍ରୀ କୁଳମଣି ଜେନା ଉପସ୍ଥିତ ରହି ଉତମ ଶାବରୀ ସୁକନ୍ୟାମାନଙ୍କୁ ମନୋନୟନ କରିଥିଲେ । କାର୍ଯ୍ୟକ୍ରମର ଦିତୀୟ ଅଧିବେଶନରେ ଅତିଥିମାନଙ୍କ ଦ୍ୱାରା ଶାବରୀ ସୁକନ୍ୟା ସମ୍ମାନ ପ୍ରଦାନ କରାଯାଇ ଥିଲା । ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ରବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ ଓ ସଂସ୍କୃତିପ୍ରେମୀ ଶ୍ରୀଯୁକ୍ତ ନାରାୟଣ ପଣ୍ଡା, ଡ.ପ୍ରୀତିଧାରା ସାମଲ, ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ଉପସଭାପତି ଶ୍ରୀଯୁକ୍ତ ମୀନକେତନ ଦାଶ, କାର୍ଯ୍ୟକାରିଣୀ ସଭ୍ୟ ପ୍ରମୋଦ କୁମାର ରାଉଳ, ସାବିତ୍ରୀ ବେହେରା, ସବିତା ତ୍ରିପାଠୀ, ସୁବର୍ଣ୍ଣ କୁମାରୀ ଖିଲ, ଦୀପ୍ତି ମାଝି, ରାମ ଶଙ୍କର ଷଡଙ୍ଗୀ, ମିଶ୍ରଙ୍କ ସମେତ ଜଗନ୍ନାଥ ମନ୍ଦିର, ଆଦିବାସୀ ସଂଗ୍ରହାଳୟ ଓ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ କୋରାପୁଟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜଗନ୍ନାଥ ସାଗର ପରିଦର୍ଶନ କଲେ ସାଂସଦ

ଜୟପୁର,୧୮/୦୪ (ନି.ପ୍ର): ଜୟପୁର ସ୍ଥିତ ଜଗନ୍ନାଥ ସାଗର ପରିଦର୍ଶନ କଲେ କୋରାପୁଟ ସାଂସଦ ସପ୍ତଗିର ଶଙ୍କର ଉଲ୍ଲକା । ସାଗରର ବିକାଶ ଓ ଉନ୍ନତି କରଣ ନେଇ ସେ ପରିଦର୍ଶନ କରିଛନ୍ତି । ସାଂସଦଙ୍କ ସହ ଜୟପୁର ପୌର କାଯ୍ୟନିବାହୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ । ସାଗରର କଣ ସମସ୍ୟା ରହିଛି ସେ ନେଇ ଆଧିକାରି ଙ୍କ ସହ ଆଲୋଚନା କରିଥିଲେ । ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ପାର୍କ ପରିଦର୍ଶନ କରି ଖୁସି ପ୍ରକଟ କରିଥିଲେ । ଏହାର ସୁପରିଚାଳନା ପାଇ ସିଓ୍ୱାର କର୍ମକତାଙ୍କୁ ପ୍ରଶଂସା କରିଥିଲେ । ପାର୍କର ଉନ୍ନତି ପାଇ ସମସ୍ତ ସହ ଯୋଗ ପ୍ରତିଶ୍ରୁତି ଦେଇ ଏକ ଓାର୍ଟର ଫାଉଂଟେନ, ଷ୍ଟେଜ, ଓପନ ଜିମ ସକାଶେ ଆବଷ୍ୟକ ଅର୍ଥ ନାଲୋକ ପେରିଫେରି ଆଣିବାକୁ ଆବଷ୍ୟକ ପଦକ୍ଷେପ ନେବା ସହିତ ଜଗନ୍ନାଥ ସାଗରର ବିକାଶ ପାଇ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅଜୟ କୁମାର ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ ସହରର ବରିଷ୍ଠ ବୁଦ୍ଧୀଜୀବି ବୁଲୁ ସାହୁ, କୃଷ୍ଣଚନ୍ଦ୍ର ନେପାକ, ନିଶାନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ର ସରକାରୀ ଯୋଜନାରେ ମହିଳାମାନେ ସମଗ୍ର ଦେଶରେ ସ୍ୱାବଲମ୍ବୀ ହୋଇପାରିଛନ୍ତି : ମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି

ବଲାଙ୍ଗୀର ,୧୮/୦୪ (ନି.ପ୍ର): ଭରତ ସରକାର ଙ୍କ ଯୋଜନା ଯୋଗୁଁ ଆଜି ମହିଳା ମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି କିଛି ଦିନ ଆଗରୁ ଯେଉଁ ମହିଳା ମାନେ କିଛି ଟଙ୍କା ପାଇଁ ହାତ ପାତିବା କୁ ପଡୁଥିଲା ସେମାନେ ନିଜ ଗୋଡ଼ରେ ଠିଆ ହୋଇଛନ୍ତି ଆଜି ସମଗ୍ର ଦେଶରେ ୮ କୋଟି ମହିଳା ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜ ସମାଗ୍ରୀ ବ୍ୟାପାର କରି ଭଲ ଅର୍ଥ ଉପାର୍ଜନ ର ଜରିଆ ପାଇଛନ୍ତି ଏହା ଗୋଟିଏ ବଡ ଉପଲବ୍ଧି ବୋଲି କେନ୍ଦ୍ର ଖାଉଟି ଖାଦ୍ୟ ସାଧାରଣ ବଂଟନ ଓ ଗ୍ରାମ ଉନ୍ନୟନ ରାଜ୍ୟ ମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ଏଠାରେ ପ୍ରକାଶ କରିଛନ୍ତି । ସେ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଆଜି ଜିଲ୍ଲାର ବିଭିନ୍ ବିଭାଗର ଅଧିକାରୀ ମାନଙ୍କର ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ଅଣ ସରକାରୀ ସଂଗଠନର ତଥା ସ୍ୱୟଂ ସହାୟକ ଗୋଷ୍ଠୀକୁ ଭେଟି ତାଙ୍କ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ । ସେ ସାମ୍ବାଦିକ ମାନକୁ କହିଥିଲେ ଯେ ତାଙ୍କୁ ଆଜି ଏହି ଜିଲ୍ଲା କୁ ପଠା ଯାଇଛି ଦେଶର ଅନ୍ୟ ଜିଲ୍ଲା ଅପେକ୍ଷା ଏହା ଅନୁନ୍ନତ ଜିଲ୍ଲା ଏଠାରେ ଅନେକ ସମସ୍ୟା ରହିଛି ସେ ସେଗୁଡିକ ଜାଣି ପାରିଛନ୍ତି । ଏଠାରେ ସ୍ଥାନୀୟ ଜନ ପ୍ରତିନିଧି ମାନେ ମଧ୍ୟ ଅଛନ୍ତି ତାଙ୍କର ସହିତ ଆଲୋଚନା ରୁ ଅନେକ ତଥ୍ୟ ମିଳିଛି । ଏହି ଜିଲ୍ଲାର କାମକରିବାର ପାଇଁ ସେ ସେତୁ ଭଳି କେନ୍ଦ୍ରରେ କାମ କରିବେ ବୋଲି କହିଥିଲେ । ସରକାର ଙ୍କ ଚାଲିଥିବା ବିଭିନ୍ନ ଯୋଜନା ଉପରେ ଆଜି ସନ୍ଧ୍ୟାରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ତାଁକର୍ ଫିଲ୍ଡ ଦେଖା କାର୍ଯ୍ୟକ୍ରମ ପରେ ରହିଛି ତେଣୁ ଏଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟର ଉତର ସେ ସମୀକ୍ଷା ପରେ ଦେଇ ପାରିବେ ବୋଲି ବିଭିନ୍ନ ପ୍ରସଙ୍ଗ ଉପରେ କହିଥିଲେ । ଆଜିର ବୈଠକରେ ଲୋକସଭା ସଦସ୍ୟ ସଂଗୀତା ସିଂହ ଦେଓ, ଲୋଇସିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ, ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର , ଜିଲାପାଳ ଚଂଚଲ୍ ରାଣାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗାଇଥିଲେ ।

# ବଡମଙ୍ଗଳପୁର ଗ୍ରାମଦେବତୀଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରୀ

ଧର୍ମଶାଳା,୧୮/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ପଂଚାୟତସ୍ଥ ବଡମଙ୍ଗଳପୁର ଗ୍ରାମର ଗ୍ରାମଦେବତୀ ମା କଂରଜେଇଙ୍କ ମନ୍ଦିରରୁ ଗତ କାଲି ବିଳମ୍ବିତ ରାତିରେ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ କରି ନେଇଥିବା ଜଣାପଡିଛି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ଆଜି ସକାଳୁ ମନ୍ଦିରର ପୂଜକ ସବୁ ଦିନ ପରି ଆଜି ମନ୍ଦିର ପୂଜା କରିବାକୁ ଯାଇଥିଲେ । ମାଙ୍କ ମନ୍ଦିର ନିକଟରେ ଥିବା ମୁକ୍ତେଶ୍ୱର ମନ୍ଦିର ତାଲା ଭଙ୍ଗା ଯାଇଥିବା ଜାଣିବାକୁ ପାଇଥିଲେ । ପରେ ନିକଟରେ ଥିବା ମାଙ୍କ ମନ୍ଦିରର ତାଲା ଭାଙ୍ଗି ମାଙ୍କ ସମସ୍ତ ସୁନା ଅଳଙ୍କାର ଦୃବୃତମାନେ ନେଇ ଯାଇଥିବା ଜାଣିବାକୁ ପାଇଥିଲେ । ଯାହାକୁ ନେଇ ସେ ଗ୍ରାମବାସୀଙ୍କୁ ଏ ବିଷୟରେ ଜଣାଇଥିଲେ । ପରେ ଆଲୋଚନା ପରେ ଗ୍ରାମବାସୀ ଥାନାରେ ଏତଲା ଦେଇଥିବା ଜଣାପଡିଛି ।

# ପିତଳ ପଚାଂୟତ ସମିତି ସଭ୍ୟ ପଦବୀକୁ ନେଇ କୋର୍ଟରେ ମାମଲା

ଗଞ୍ଜାମ,୧୮/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ପିତଳ ପଚାଂୟତ ସମିତି ସଭ୍ୟ ପଦବୀକୁ ନେଇ ଆଇନଗତ ମାମଲା ଆରମ୍ଭ ହୋଇଛି । ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିବା ଜନାର୍ଦ୍ଦନ ପାତ୍ର ନିଜର ପ୍ରାର୍ଥୀପତ୍ର ଦାଖଲ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ଆଣି ତାଙ୍କ ପ୍ରତିଦ୍ୱନ୍ଦୀ ଅନିଲ କୁମାର ମହାପାତ୍ର କୋର୍ଟର ଆଶ୍ରୟ ନେଇଛନ୍ତି । ଓଡ଼ିଶା ପଚାଂୟତ ନିର୍ବାଚନ ନିୟମ ୪୪ (ଏ) ଓ ୪୪ (ବି) ପ୍ରକାରେ ଜନାର୍ଦ୍ଦନଙ୍କ ବିଜୟକୁ ଅବୈଧ ଘୋଷଣା କରିବା ସହ ତାଙ୍କୁ ବିଜୟୀ ଘୋଷଣା କରିବାକୁ ଅନିଲ ଆସିକା ଦେଓ୍ୱାନୀ ଅଦାଲତରେ ଏନେଇ ଏକ ଆବେଦନ ଦାୟର୍ କରିଛନ୍ତି । ସେହିପରି ଜନାର୍ଦ୍ଦନଙ୍କ ନାମରେ ଛତ୍ରପୁର ଏସଡିଜେଏମ କୋର୍ଟରେ ୟୁ.ସି. କେସ୍ ନଂ ୪୦୨/୧୭ ମାମଲା ବିଚାରାଧିନ ଥିବାବେଳେ ଏହା ସତ୍ୟପାଠରେ ଉଲ୍ଲେଖ କରାଯାଇନାହିଁ । ଯାହାକି ସମ୍ପୂର୍ଣ୍ଣ ବେଆଇନ । ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲ୍ଲାପାଳ, ଶେରଗଡ଼ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଏବଂ ନିର୍ବାଚିତ ସମିତି ସଭ୍ୟଙ୍କୁ ପକ୍ଷଭୁକ୍ତ କରିବାକୁ ଅନିଲ୍ ଏହି ଆବେଦନରେ ଦର୍ଶାଇଛନ୍ତି । ଯାହାକୁ ଆଧାର କରି ମାମଲାର ବିଚାର ଆରମ୍ଭ କରିଛନ୍ତି କୋର୍ଟ ।

# ବେଳାଭୂମି ସଫେଇ ପାଇଁ ବିଚ୍ କନେକ୍ଟ କାର୍ଯ୍ୟକ୍ରମର ଶୁଭାରମ୍ଭ

ପୁରୀ,୧୮/୦୪ (ନି.ପ୍ର): ସ୍ୱର୍ଣ୍ଣାଭ ବେଳାଭୂମିକୁ ସ୍ୱଚ୍ଛ ନିର୍ମଳ ରଖିବା ପାଇଁ ବିଚ୍ କନେକ୍ଟ କାର୍ଯ୍ୟକ୍ରମ ଆଜି ସକାଳେ ଜିଲ୍ଲାପାଳ ସମର୍ଥ ବର୍ମା ଶୁଭାରମ୍ଭ କରିଛନ୍ତି । ବିଶ୍ୱସ୍ତରୀୟ ଐତିହ୍ୟ ସହର ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଦେଶ ଓ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି । ପୁରୀ ବେଳାଭୂମିକୁ ସ୍ୱଚ୍ଛ, ନିର୍ମଳ ରଖିବା ପାଇଁ ପୌରସଂସ୍ଥା ପକ୍ଷରୁ ବ୍ୟାପାକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଚ୍ ଯୋଗ, ବିଚ୍ ଭଲିବଲ, ସ୍ୱାସ୍ଥ୍ୟ ପରୀକ୍ଷା, କୁଇଜ ପ୍ରତିଯୋଗିତା, ଓ୍ୱାଟର ସ୍ପୋର୍ଟସ, ଦଉଡ଼ି ଭିଡ଼ା ଆଦି ଖେଳ ପ୍ରଦର୍ଶିତ ହୋଇଥିଲା । ପୁରୀର ଫେଟ ଫାଇଟରସ୍ ପକ୍ଷରୁ ଚିତାକର୍ଷକ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା । ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ସଂସ୍ଥା ଦ୍ୱାରା ଗୋଟିପୁଅ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଲାଇଫଗାର୍ଡ଼ ମାନଙ୍କ ଦ୍ୱାରା ଉଦ୍ଧାରକାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା ।

# ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

## ଫୁଡ୍ ନିଓଫୋବିୟା



ନୂତନ ବ୍ୟଞ୍ଜନ ସୟନ୍ଧିତ ଡର (ଫୁଡ୍ ନିଓଫୋବିୟା) କୌଣସି ବ୍ୟକ୍ତିର ଖାଦ୍ୟ ପୋଷଣର ଗୁଣ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏହା ହୃଦୟରୋଗ ଏବଂ ମଧୁମେହ ଟାଇପ୍ -୨ ଜୀବନଶୈଳୀ ସହିତ ଯୋଡ଼ି ହୋଇଥିବ। ରୋଗ ମଧ୍ୟ ଉତ୍ପନ୍ନ କରେ। ଫୁଡ୍ ନିଓଫୋବିୟା ଖାଦ୍ୟ ସୟନ୍ଧୀୟ ଏପରି ଏକ ବିକାର ଯାହା ବ୍ୟକ୍ତିର ନୂତନ ପ୍ରକାରର ଖାଦ୍ୟକୁ ଖାଇବା ବା ଚାଖିବା ପାଇଁ ଆଗ୍ରହକୁ ଶେଷ କରିଦିଏ। ଫିନ୍ଲ୍ୟାଣ୍ଡ ସ୍ଥିତ ହେଲସିଂକି ବିଶ୍ୱ ବିଦ୍ୟାଳୟ ଓ ଏଷ୍ଟୋନିଆ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ କର୍ତ୍ତାଙ୍କ ଅନୁସାରେ ଆହାର ଗୁଣବତ୍ତା, ଜୀବନଶୈଳୀ ସୟନ୍ଧିତ ରୋଗ ଓ ଆଶଙ୍କା ଉପରେ ଖାଦ୍ୟପେୟ, ସୟନ୍ଧୀୟ ବ୍ୟବହାର ସ୍ୱତନ୍ତ୍ର ପ୍ରଭାବର ଅଧ୍ୟୟନ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ବିବିଧ ଏବଂ ସୁସ୍ଥ ଆହାର ଗ୍ରହଣ କରୁଥିବା ବ୍ୟକ୍ତିର ସ୍ୱାସ୍ଥ୍ୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସାତ ବର୍ଷ ପର୍ଯ୍ୟନ୍ତ ଚାଲୁଥିବା ଅଧ୍ୟୟନ କାର୍ଯ୍ୟକ୍ରମରେ ୨୫ରୁ ୭୪ ବର୍ଷ ବୟସରେ ଲୋକମାନଙ୍କୁ ସାମିଲ୍ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ 'ଫୁଡ୍ ନିୟୋଫୋବିୟା' ୭୮ ପ୍ରତିଶତ ମାମଲାରେ ଆନୁବଂଶିକ ହୋଇଥାଏ। ଏହା ହୃଦ୍ୟ ରୋଗ ଓ ମଧୁମେହ ଟାଇପ୍-୨ ଜୀବନଶୈଳୀ ସହିତ ଯୋଡ଼ି ହୋଇଥିବା ଆଶଙ୍କା ଉତ୍ପନ୍ନ କରିଥାଏ। ଏହି ବିକାର ପିଲାମାନେ ଓ ବୟସ୍କମାନଙ୍କ ମଧ୍ୟରେ ସାଧାରଣତଃ ଦେଖାଯାଇଥାଏ।

## ଅଙ୍ଗୁରର ଉପାଦେୟତା

- ମାଇଗ୍ରେନ ରୋଗୀ ନିୟମିତ ଅଙ୍ଗୁର ଖାଇଲେ ସେମାନଙ୍କୁ ଆରାମ ମିଳେ
- ବାରୟାର ବାନ୍ତି ଲାଗିଲେ କିମ୍ବା ଅରୁଚି ଲାଗିଲେ ଏହାର ରସ ଅଳ୍ପ ପରିମାଣରେ ପିଇବା ଲାଭଦାୟକ।
- ପେଟ ଗରମ ରହିଲେ ରାତିରେ ୫-୧୦ଟି ଅଙ୍ଗୁର ପାଣିରେ ବତୁରାଇ ରଖନ୍ତୁ। ସକାଳ ତାହାକୁ ଚକଟି ଏକ ଚାମଚ ଚିନି ସହ ଖାଆନ୍ତୁ।
- ସ୍ତନ କର୍କଟ ରୋଗରୁ ରକ୍ଷା ପାଇଁ ଏହା ଏକ ଉତ୍ତମ ଫଳ।
- ଛୋଟ ପିଲାଙ୍କୁ ଅଙ୍ଗୁର ଖୁଆଇଲେ, ସେମାନଙ୍କ ବୃଦ୍ଧି ବିକଶିତ ହୁଏ।
- ଯୁବତୀମାନେ ଅଙ୍ଗୁର ରସକୁ ବେସନ ସହ ମିଶାଇ ଲଗାଇଲେ ରଙ୍ଗ ସଫା ହୋଇଥାଏ।
- ଏଥିରେ ଭିଟାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ସେଥିପାଇଁ ଏହାକୁ ଖାଇଲେ ଭୋକ ବଢ଼େ।



ନିକଟରେ ଭାରତୀୟ ଗବେଷକ ଅଙ୍ଗୁର ଫଳର ଉପକାରୀ ଗୁଣ ପ୍ରକାଶ କରିଛନ୍ତି।

## ଡାଇନୋସର ଲୋପପାଇବା ପଛର ଘଟଣା




୬୫ ନିୟୁତ ବର୍ଷ ପୂର୍ବରୁ ଘଟଣା ସମ୍ପର୍କରେ ଗବେଷକଦଳ ଏକ ତଥ୍ୟ ପ୍ରକାଶ କରିଛନ୍ତି। ଡାଇନୋସରଙ୍କ ମୃତ୍ୟୁର କାରଣ ସମ୍ପର୍କରେ ଏକ ରୋଚକ ତଥ୍ୟ ଜଣାପଡ଼ିଛି। ଏହି ବୃହତକାୟ ଜୀବଟି ଅତ୍ୟଧିକ ଥଣ୍ଡା କାରଣରୁ ଲୋପ ପାଇଛି। ଡାଇନୋସରଙ୍କ ଜୀବାଶ୍ମକୁ ଅନେକ ପରୀକ୍ଷା କରିବା ପରେ ଏହି ତଥ୍ୟ ପଦାକୁ ଆସିଛି। ପ୍ରାୟ ୭ଟି ଡାଇନୋସରଙ୍କ ଜୀବାଶ୍ମର ପରୀକ୍ଷାରୁ ସମାନ ତଥ୍ୟ ଜଣାପଡ଼ିଲା। ଆମେରିକୀୟ ଓ୍ୱେବସାଇଟ ଏ ସଂକ୍ରାନ୍ତୀୟ ଅଧିକ ଖବର ଯଥାଶୀଘ୍ର ପ୍ରକାଶ କରିବ।

## ମହିଳାଙ୍କ ସ୍ୱାସ୍ଥ୍ୟ

ପ୍ରତ୍ୟେକ ପରିବାରରେ ମହିଳାଙ୍କ ଦାୟିତ୍ୱ ସବୁଠୁ ଅଧିକ, ଏହି ତଥ୍ୟକୁ ଆମେ ସ୍ୱୀକାର ନକଲେ ମଧ୍ୟ ଏହା ନିରାଟ ସତ। ଏକବିଂଶ ଶତାବ୍ଦୀରେ ମହିଳାମାନେ କର୍ମଚଂଚଳ ହେବା ସହ ଅଧିକ ଦାୟିତ୍ୱବାନ ଓ ସଚେତନ ହୋଇପଡ଼ିଛନ୍ତି। ଇଂଲଣ୍ଡରେ କର୍ମଜୀବୀ ମହିଳାଙ୍କୁ 'ମଲ୍ଟିଟାସ୍କର' ଭାବେ ଜଣାଯାଏ। ପରିବାର କଥା ହେଉ ଅବା ଅନ୍ୟ କିଛି ବିଷୟ ସବୁ ବାବଦରେ ସେମାନେ ଚିନ୍ତିତ ରହିଥାନ୍ତି। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ପ୍ରାୟ ୫୧%ରୁ ଅଧିକ ମହିଳା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ପଛର କାରଣ ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳୁନାହିଁ। ମହିଳାଙ୍କ ମସ୍ତିଷ୍କକୁ ବିଶ୍ରାମ ମିଳିବା ନିତାନ୍ତ ଜରୁରୀ ହୋଇପଡ଼ିଛି। ଆମେରିକୀୟ ଗବେଷକଙ୍କ ମତରେ ରବିବାର ଛୁଟିର ପ୍ଲାନିଂ କରୁଥିବାବେଳେ ମହିଳାମାନେ କିନ୍ତୁ ବିଶ୍ରାମ ପାଆନ୍ତି ନାହିଁ। ଏଣୁ ପ୍ରଥମେ ପରିବାରର ଲୋକେ ହିଁ ମହିଳାଙ୍କ ପ୍ରତି ସଚେତନ ହେବା ଜରୁରୀ ଅଟେ।

## ପୁଣିଥରେ ଟାଇଟାନିକ୍



ଟାଇଟାନିକ୍ ଜାହାଜର ନାମ ଶୁଣିଲେ ଲୋକଙ୍କ ମନ ଭିତରେ ଭୟ ଆସିଥାଏ। ଟାଇଟାନିକ୍ ଫିଲ୍ମ ବିଷୟରେ ଆପଣ ଜାଣିଥିବେ, ଏହାକୁ ମଧ୍ୟ ଦେଖିଥିବେ, ଏହି ଜାହାଜ ବୁଡ଼ିବାର କାରଣ କଣ ଥିଲା ଓ କିପରି ଏହା ବୁଡ଼ିଥିଲା ତାହା ଏହି ଫିଲ୍ମର ଦେଖିବାକୁ ମିଳିଥିଲା। ଏଥିରେ ଥିବା ହଜାର ହଜାର ଲୋକଙ୍କର ପ୍ରାଣ ଚାଲିଯାଇଥିଲା। ଏହି ଜାହାଜ ସେ ସମୟରେ ସବୁଠାରୁ ବଡ଼ ଜାହାଜ ଥିଲା। ସେତେବେଳେ କୁହାଯାଉଥିଲା ଯେ ଏହି ଜାହାଜ କେବେ ମଧ୍ୟ ବୁଡ଼ିବ ନାହିଁ। ଆଜି ଲୋକମାନଙ୍କୁ ପୁଣିଥରେ ଟାଇଟାନିକ୍‌ରେ ଯିବାକୁ ଇଚ୍ଛା ହେବ କାରଣ ନିକଟରେ ଏକ ଜାହାଜର ନିର୍ମାଣ ହୋଇଛି ଓ ଯାତ୍ରା କରିବାକୁ ପୂରା ପ୍ରସ୍ତୁତ ରହିଛି। ଏହାର ଭିତରର ଡିଜାଇନ୍ ମଧ୍ୟ ପୂର୍ବ ଜାହାଜ ଭଳି ହୋଇଛି। ଏହାକୁ ଦେଖି ଲୋକମାନେ ରୋଜ ଓ ଜ୍ୟାକଙ୍କର କାହାଣୀ ମଧ୍ୟ ମନେ ପକେଇବେ। ଯଦି କେହି ଟାଇଟାନିକ୍‌ର ଦୁର୍ଘଟଣାରୁ ବଂଚିଥିବେ ସେ ମଧ୍ୟ ଦେଖି ଭାବିବେ ଯଦି ସେତେବେଳେ ଏହି ଦୁର୍ଘଟଣା ଘଟିନଥାନ୍ତା ତେବେ ଭଲ ହୋଇଥାନ୍ତା। ଆଜି ପୁଣି ଥରେ ଏହି ଟାଇଟାନିକ୍ ପୂର୍ବ ସ୍ମୃତିକୁ ତାଜା କରିଛି।

## ସମୟରେ ଖାଇ ସୁସ୍ଥ ରହନ୍ତୁ



ଖାଇବା ଓ ଶୋଇବା ସମୟ ଠିକ୍ ରଖିବା ଉଚିତ୍। ଏହି ଜାଣି ମଧ୍ୟ ଅଧିକାଂଶ ଲୋକ ଏସବୁ ପ୍ରତି ଆଦୌ ଧ୍ୟାନ ଦେଇନଥାନ୍ତି। ଏହି ପ୍ରସଙ୍ଗ ଉପରେ ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକଗଣ ୫ ବର୍ଷ ଅନୁଧ୍ୟାନ କରିବା ପରେ ସିଦ୍ଧାନ୍ତରେ ପହଂଚିଛନ୍ତି। ସେମାନଙ୍କ ମତରେ ଜଣେ ଠିକ୍ ସମୟରେ ଖାଇଲେ, ତାହା ତାଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପକାଇଥାଏ। ଏହି ଗବେଷଣାରେ ୧ ହଜାର ଲୋକ ଭାଗ ନେଇଥିଲେ। ସେମାନଙ୍କୁ ନିୟମିତ ଠିକ୍ ସମୟରେ ଭୋଜନ କରିବା ପାଇଁ ଉପଦେଶ ଦିଆଗଲା। ପ୍ରାୟ ୫୫ ଶତକଡ଼ା ଲୋକେ ଏହାକୁ ପାଳନ କରିଥିଲେ। ସେମାନଙ୍କ ଜୀବନଶୈଳୀ ବେଶ୍ ଲାଭ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥିଲାବେଳେ ଅନ୍ୟମାନେ ଏହି ୫ ବର୍ଷ ମଧରେ ରୋଗ ଭୋଗିଥିଲେ। ସାନ୍‌ଡିଆଗୋ ବିଶ୍ୱବିଦ୍ୟାଳୟର ଗବେଷକ ମଧ୍ୟ ସମାନ ତଥ୍ୟ ପ୍ରକାଶ କରିଛନ୍ତି। କର୍ମଜୀବୀ ଲୋକ ସାଧାରଣତଃ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତି ନାହିଁ। ଖାଇବାର ସମୟ କିମ୍ବା ପରିମାଣ କିଛି ମଧ୍ୟ ଠିକ୍ ନଥିବା ଲୋକେ ଶୀଘ୍ର ରୋଗଗ୍ରସ୍ତ ହୋଇଥାନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି।

## ନୂଆ ଧରଣର ବ୍ୟବସାୟିକ ଆଲୋଚନା



ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ ଏହା କହିଛନ୍ତି । ବିଲଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଲ ଗେଟସଙ୍କ ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।

## ବାଦୁଡ଼ିଙ୍କୁ ପୂଜା କରୁଥିବା ଗ୍ରାମ


ଏମିତି ତ ଆପଣ ବାଦୁଡ଼ି ଦେଖିଥିବେ। କିନ୍ତୁ ବିହାରର ବୈଶାଳୀ ଜିଲ୍ଲାରେ ରାଜାପାକର ପ୍ରଖଣ୍ଡରେ ସରସଇ ଗାଁରେ ନା କେବଳ ବାଦୁଡ଼ିମାନଙ୍କର ପୂଜା ହୁଏ, ସେଠାରେ ଲୋକମାନେ ମଧ୍ୟ ମାନନ୍ତି ଯେ ବାଦୁଡ଼ିମାନେ ସେମାନଙ୍କର ରକ୍ଷା ମଧ୍ୟ କରୁଛନ୍ତି। ଏହି ବାଦୁଡ଼ିମାନଙ୍କୁ ଦେଖିବାକୁ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗି ରହୁଛି। ଏଠାରେ ଲୋକମାନେ ସେମାନଙ୍କୁ ସମୃଦ୍ଧିର ପ୍ରତୀକଦେବୀ ଲକ୍ଷ୍ମୀ ଭାବରେ ମାନନ୍ତି। ଏହି ବାଦୁଡ଼ିମାନେ ଏଠାରୁ କେବେଠାରୁ ଅଛନ୍ତି ଏହା କେହି ଜାଣିନାହାଁନ୍ତି। ଗ୍ରାମର ସରପଂଚ ଓ ଅନ୍ୟ ଲୋକଙ୍କ ମନରେ ଗାଁର ଏକ ପ୍ରାଚୀନ ପୋଖରୀ ପାଖରେ ଥିବା ଅଶ୍ୱବଟ୍, ସେମର ତଥା ବଖୁଆ ଗଛରେ ଏହି ବାଦୁଡ଼ିମାନଙ୍କର ବସା ରହିଛି। ରାତିରେ ଏହି ପୋଖରୀ ପାଖକୁ କୌଣସି ବ୍ୟକ୍ତି ଗଲେ ଏହି ବାଦୁଡ଼ିମାନେ ଚିତ୍କାର କରନ୍ତି। ଜନଶ୍ରୁତି ଅନୁସାରେ ମଧ୍ୟକାଳରେ ବୈଶାଳୀରେ ମହାମାରୀ ବ୍ୟାପି ଥିବା ସମୟରେ ଅନେକ ଲୋକଙ୍କର ଗ୍ରାମ ଚାଲିଯାଇଥିଲା। ସେତେବେଳେ ଏଠାକୁ ବଡ଼ ସଂଖ୍ୟାରେ ବାଦୁଡ଼ିମାନେ ଆସିଥିଲେ। ସେମାନଙ୍କର ଆସିବା ପରେ ସେଠାରେ କୌଣସି ପ୍ରକାରର ମହାମାରୀ କେବେ ମଧ୍ୟ ହୋଇନାହିଁ। ଏହି କ୍ଷେତ୍ରକୁ ପର୍ଯ୍ୟଟନସ୍ଥଳ ଭାବରେ ବିକସିତ କରିବାପାଇଁ ୧୫ ବର୍ଷ ହେଲା ପ୍ରୟାସ କରାଯାଉଛି କିନ୍ତୁ ସ୍ଥିତିର କୌଣସି ସୁଧାର ହୋଇପାରୁନାହିଁ।



## ମାନସିକ ସ୍ଥିତି ଜଣାଇବ ନୂଆ ଆପ୍

ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପାଇଁ ଏବେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଆପ୍ ବାହାରିଲାଣି। ଏଇ ନିକଟରେ ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକଗଣ ଏହି ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଅନେକ ଲୋକଙ୍କୁ ସାହାଯ୍ୟ କରିବ। ଏହି ଆପଟି କାର୍ଯ୍ୟକାରୀ ହେବାମାତ୍ରେ ସର୍ବପ୍ରଥମେ ବ୍ୟକ୍ତିର ସ୍ୱରକୁ ଠଉରାଇବ। ସ୍ୱରକୁ ଲକ୍ଷ୍ୟ କରି ଏହା ତୁରନ୍ତ ମତାମତ ଦେବ ଯେ ବର୍ତ୍ତମାନ ବ୍ୟକ୍ତିଜଣକର ମାନସିକ ସ୍ଥିତି କିଭଳି ଅଛି? ଗବେଷକଗଣ ୧୦୦ ଜଣ ବ୍ୟକ୍ତିଙ୍କୁ ନେଇ ୬ ସପ୍ତାହ ଧରି ଏହି ପରୀକ୍ଷଣ





ଚଳାଇଲେ। ଫଳାଫଳ ଏକଦମ୍ ଉତ୍ତମ ଆସିଛି ବୋଲି ମତ ମିଳିଛି। ଆସନ୍ତା ସପ୍ତାହରେ ଆମେରିକା ବାସିନ୍ଦା ଏଡି ଆପ୍ ବ୍ୟବହାର କରିବାର ସୁଯୋଗ ପାଇବେ। ଗବେଷକଙ୍କ ମତରେ ଯଦି କୌଣସି ବ୍ୟକ୍ତି ମିଛରେ ଅଭିନୟ କରି ସ୍ୱର ବଦଳାଇବାକୁ ଚେଷ୍ଟା କରିବ, ତେବେ ଆପ୍ ସେଭଳି ପରିସ୍ଥିତିରେ କାର୍ଯ୍ୟ କରିବ ନାହିଁ। ଜାପାନରେ କିଛି ମାସ ପୂର୍ବେ ସ୍ୱର ଚିହ୍ନଟକାରୀ ଆପ୍ ବଜାରକୁ ଆସିଥିଲା। ସେଠାରେ ସେହି ଆପ୍ ଅତ୍ୟନ୍ତ ଲୋକପ୍ରିୟ ମଧ୍ୟ ହୋଇଛି। ଆମେରିକୀୟ ଲୋକ ବେଶ୍ ଉତ୍ସୁକତାର ସହ ଏହି ଆପ୍ ବ୍ୟବହାର କରିବେ ବୋଲି ଚାହିଁବସିଛନ୍ତି। ଜଣେ ବ୍ୟକ୍ତି ଖୁସି ମିଜାଜରେ ଅଛି କିମ୍ବା ମନ ଦୁଃଖରେ ଅଛି, ଆପ୍ କେବଳ ତାହା ହିଁ ଜଣାଇବ।

## ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୯ ଅପ୍ରେଲ ୨୦୨୨, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଇନ୍‌ର ଭବିଷ୍ୟତ...

ଭାରତବର୍ଷରେ ସବୁ କ୍ଷେତ୍ରରେ ଯେ ଧନୀ-ଗରିବର ପାର୍ଥକ୍ୟ ଦିନକୁ ଦିନ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି- ଏକଥାରେ ପ୍ରାୟ ସବୁ ବୁଦ୍ଧିଜୀବୀ ଏକମତ ହୋଇଥାନ୍ତି। ଗରିବମାନଙ୍କ କଲ୍ୟାଣ ପାଇଁ ତ ଅନେକ ଯୋଜନା କରି ଚାଲିଛନ୍ତି ସରକାର ପରେ ସରକାରମାନେ। କିନ୍ତୁ ଅର୍ଥନୈତିକ ବିଭାଜନର ରେଖା ସମୟ କ୍ରମେ ଲୋପ ପାଇବା ପରିବର୍ତ୍ତେ ବେଳକୁ ବେଳ ବଢ଼ିଚାଲି ଦେଶକୁ ଇଣ୍ଡିଆ ଓ ଭାରତରେ ବିଭକ୍ତ କରି ଦେଇଛି, ଯେଉଁଠି ଇଣ୍ଡିଆରେ ବାସ କରନ୍ତି ସ୍ୱଚ୍ଛଳ ବର୍ଗର ସ୍ୱଳ୍ପ ସଂଖ୍ୟକ ଲୋକେ ତ ଭାରତରେ ରୁହନ୍ତି ସିଂହଭାଗ ଅସ୍ୱଚ୍ଛଳ, ଅବହେଳିତ ବର୍ଗ। ଆଇନର ବିଚାର କ୍ଷେତ୍ରରେ ମଧ୍ୟ ଏହି ପାର୍ଥକ୍ୟ ବାରି ହୋଇଯାଏ, ଯାହା ପୁଣିଥରେ ସର୍ବ ସମ୍ମୁଖକୁ ଆଣିଛନ୍ତି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଏସ୍ ମୂରଲୀଧର। ଗତ ସପ୍ତାହରେ କମ୍ୟୁନିଟି ଫର୍ ଦ ଇରାଡିକେସନ୍ ଅଫ୍ ଡିସ୍‌କ୍ରିମିନିସେନ ଇନ୍ ଏଜୁକେସନ ଆଣ୍ଡ୍ ଏମ୍ପ୍ଲୟମେଂଟ ଦ୍ୱାରା 'ଆପିୟରିଂ ଇନ୍ କୋର୍ଟ: ଚ୍ୟାଲେଂଜର୍ସ ଇନ୍ ରିପ୍ରେଜେଣ୍ଟିଂ ଦ ମାର୍ଜିନାଲାଇଡଜ୍' ଶୀର୍ଷକ ବକ୍ତୃତା ଉପରେ ନିଜର ଅଭିଭାଷଣ ପ୍ରଦାନ କରି ନ୍ୟାୟମୂର୍ତ୍ତି ସମାଜର ଅବହେଳିତ ଲୋକମାନଙ୍କ ନିମନ୍ତେ ଉପଲବ୍ଧ ଆଇନଗତ ସହାୟତାର ମାନ ଉପରେ ନିଜର ଚିନ୍ତା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, 'ଆଇନଗତ ସହାୟତା ପ୍ରଦାନ କରୁଥିବା ଆଇନଜୀବୀଙ୍କ ଉପରେ ଭରସାର ଅଭାବ ପ୍ରଦାନାକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କଲ୍ୟାଣକାରୀ ସେବାଗୁଡ଼ିକ ପ୍ରତି ସାଧାରଣ ଆଭିମୁଖ୍ୟର ଏକ ପ୍ରତିଫଳନ। ନ୍ୟାୟିକ ବ୍ୟବସ୍ଥା ଗରିବ ଓ ଧନୀମାନଙ୍କ ପାଇଁ 'ଅସମାନ' ଭାବରେ କାମ କରୁଥିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କହିବା ବାହୁଲ୍ୟ, ନ୍ୟାୟମୂର୍ତ୍ତି ମୂରଲୀଧର ବିନା ମୂଲ୍ୟରେ ଆଇନ ସେବା ସହାୟତା ପ୍ରଦାନ କରିବା ସମ୍ପର୍କିତ ଏକ ଆହ୍ୱାନ ଦେଇଛନ୍ତି। ଏହା ଏକ ସାଧାରଣ କଥା ଯେ ନ୍ୟାୟ ପାଇବାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଜଣେ ଆଇନଜୀବୀଙ୍କ ସେବାକୁ ଦେୟ ପ୍ରଦାନ କରି ଗ୍ରହଣ କରିବାରୁ ହିଁ ଆରମ୍ଭ ହୋଇଥାଏ। ଆଉ ବାଦୀ ବା ନ୍ୟାୟ ଭିକ୍ଷା କରୁଥିବା ବ୍ୟକ୍ତିଙ୍କର ଏହି ଦେୟ ପ୍ରଦାନ କରିବାର ସାମର୍ଥ୍ୟ ଉପରେ ନ୍ୟାୟ ମିଳିବା ବା ନ ମିଳିବାର ଅନୁଭୂତି ନିର୍ଭର କରିଥାଏ। ନ୍ୟାୟମୂର୍ତ୍ତି ମୂରଲୀଧର ଦର୍ଶାଇଛନ୍ତି ଯେ ସେବା ମାଗଣାରେ ମିଳିଲେ ସେମାନେ ଗୁଣାତ୍ମକ ମାନ ଆଶା କରିପାରିବେ ନାହିଁ ବୋଲି ସମାଜରେ ଲୋକମାନଙ୍କ ମନରେ ଧାରଣାଟିଏ ରହିଛି। ଏହି କାରଣରୁ ସେମାନେ ଯଦି ଦୁର୍ବଳ ନ୍ୟାୟିକା ସେବା ପାଇଥାନ୍ତି, ତା'ହେଲେ ଗରିବ ଲୋକମାନେ କ୍ୱଚିତ୍ ଅଭିଯୋଗ କରିଥାନ୍ତି। ଆଇନ ସେବା ସହାୟତା ପ୍ରଦାନ ବ୍ୟବସ୍ଥାରେ ଏକ ଆମୂଳଚୂଳ ସଂଶୋଧନ ଅଣାଯିବାର କାର୍ଯ୍ୟ ଦୀର୍ଘ ବର୍ଷ ଧରି ବାକି ରହିଛି। ଗତ ଅକ୍ଟୋବର ମାସରେ ମଧ୍ୟ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ୟୁୟୁ ଲଳିତ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଗରିବ ଲୋକଙ୍କ ପାଇଁ ନ୍ୟାୟିକ ସହାୟତାର 'ଅର୍ଥ ଦୁର୍ବଳ ଆଇନ ସେବା ସହାୟତା ପ୍ରଦାନ କରାଯିବା' ନୁହେଁ। ଆଇନଜୀବୀମାନେ ଏଭଳି ସହାୟତାର ମାନ ବୃଦ୍ଧି କରିବାକୁ ଆଗେଇ ଆସିବା ଉଚିତ୍ ବୋଲି ସେ ଆହ୍ୱାନ ଦେଇଥିଲେ। ପ୍ରଥମେ ଜନସାଧାରଣଙ୍କ ମଧ୍ୟରେ ଆଇନଗତ ସାକ୍ଷରତାର ଅବଧାରଣାକୁ ସନ୍ନିବେଶିତ କରି ଉଭୟ ସରକାର ଓ ନ୍ୟାୟିକ ବ୍ୟବସ୍ଥା ଆଇନଗତ ସହାୟତା ପ୍ରଦାନ କ୍ଷେତ୍ରରେ ସଂସ୍କାର ଆଣିବା ଉଚିତ୍। ସାଧାରଣ ଲୋକଙ୍କ ଭିତରୁ କେତେଜଣ ବା ଜାଣିଛନ୍ତି ଯେ ନ୍ୟାୟ ପାଇବା ସେମାନଙ୍କର ଏକ ସାମ୍ବିଧାନିକ ଅଧିକାର? ବିନା ମୂଲ୍ୟରେ ଆଇଗତ ସହାୟତା ଲାଭ କରିବା ହେଉଛି ଏକ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତ, କାରଣ ରାଷ୍ଟ୍ର ସମସ୍ତଙ୍କ ପାଇଁ ସମାନତାର ଆଧାରରେ ଏହା ପ୍ରଦାନ କରିଥାଏ ବୋଲି କେତେଜଣ ବା ଜାଣିଛନ୍ତି? ଜଣେ ଦରିଦ୍ର ଲୋକ ଯିଏକି ଆଇନଜୀବୀଙ୍କ ଦେୟ ପ୍ରଦାନ କରିପାରେ ନାହିଁ, ସେ କେବେହେଲେ ସମାନତାର ସୁଯୋଗ ଲାଭ କରିପାରେ ନାହିଁ ଏବଂ ଏହି ଆଧାରରେ ବିନା ମୂଲ୍ୟରେ ଆଇନଗତ ସହାୟତା ଲାଭ କରିବାରୁ ବଂଚିତ ହୋଇଥାଏ। ଭାରତରେ ହାରାହାରି ୮୦ ପ୍ରତିଶତ ଲୋକ ରିହାତି ଦରରେ ଆଇନଗତ ସହାୟତା ଲାଭ କରିବାଯୋଗ୍ୟ ହୋଇଥିବା ବେଳେ ଆଇନଗତ ସହାୟତା ପ୍ରଦାନକାରୀ ଆଇନଜୀବୀଙ୍କ ସଂଖ୍ୟା ଖୁବ୍ ବେଶୀରେ ଲକ୍ଷେ କି ଦୁଇଲକ୍ଷ ହେବ।

# ପଡୋଶୀ ରାଷ୍ଟ୍ରରେ ଆର୍ଥିକ ଅସ୍ଥିରତା

ସୌମେନ୍ଦ୍ର ଜେନା

ପୃଥିବୀରେ ଯୁଦ୍ଧର ଆଶଙ୍କା ଦିନକୁ ଦିନ ଘନାଉଥିବା ସମୟରେ ଏସିଆର ଆର୍ଥିକ ଅସ୍ଥିରତା ଏବେ ବଡ ସଙ୍କଟ ସୃଷ୍ଟି କରିଛି । ଦକ୍ଷିଣ ଏସିଆର ଶ୍ରୀଲଙ୍କା, ପାକିସ୍ଥାନ ଆଦି ରାଷ୍ଟ୍ରରେ ଏହି ଆର୍ଥିକ ଅସ୍ଥିରତା ଏବେ ଦେଶର ଶାସନତନ୍ତ୍ରକୁ ଦୋହରାଇ ଦେଇଛି । ଆଗାମୀ ଦିନମାନଙ୍କରେ ଏହା ଗ୍ରପ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ । ପ୍ରଥମେ ପାକିସ୍ଥାନ କଥା ବିଚ୍ଚର କରାଯାଉ । ଦେଶର ଆର୍ଥିକ ଅବ୍ୟବସ୍ଥା, ଦୋଦୁଲ୍ୟମାନ ବିଦେଶନୀତି, ଚୀନର ଋଣଯନ୍ତାରେ ପଡିବାକୁ ସରକାରୀ ଆଗ୍ରହ, ପ୍ରକୃତ ସ୍ଥିତିକୁ ଅଣଦେଖା କରିବା ଯୋଗୁ ଜନସାଧାରଣରେ ଯେଉଁ ଅସନ୍ତୋଷ ସୃଷ୍ଟି ହେଲା ତାର ପରିଣତିରେ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କୁ କାର୍ଯ୍ୟକାଳ ଶେଷ ହେବାର ଦେଢବର୍ଷ ପୂର୍ବରୁ କ୍ଷମତାରୁ ଅପସାରିତ ହେବାକୁ ପଡିଛି । ପାକ୍ ମୁଦ୍ରା ରୁପିୟାର ମୂଲ୍ୟ ହ୍ରାସ ପାଇ ୧ ଡଲାର ଏବେ ୧୮୧ଟଙ୍କା ୩୫ ପଇସାରେ ପହଞ୍ଚିଗଲାଣି । ୨୦୨୧-୨୨ରେ ବିଦେଶୀଋଣ ଡିସେମ୍ବର ୨୦୨୧ସୁଦ୍ଧା ୨୦ପ୍ରତିଶତ ବୃଦ୍ଧିପାଇ ୨୧ ଟ୍ରିଲିଅନ ଟଙ୍କାରେ ପହଞ୍ଚିଥିଲା । ଷ୍ଟେଟବ୍ୟାଙ୍କ ଅଫ୍ ପାକିସ୍ଥାନର ଘୋଷଣା ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ଛଅମାସରେ ମୋଟ ଋଣ (ସରକାରୀ) ୮ ପ୍ରତିଶତ ବୃଦ୍ଧିପାଇ ଡିସେମ୍ବର ୨୦୨୧ସୁଦ୍ଧା ୫୧.୭୨୪ ଟ୍ରିଲିଅନ ଟଙ୍କାରେ ପହଞ୍ଚିଥିଲା, ଯାହା ଜୁନ ୨୦୨୧ରେ ୪୭.୯୩୦ ଟ୍ରିଲିଅନ ଟଙ୍କା ଥିଲା । ପାକ୍‌ର ବିଦେଶୀ ଋଣରେ ୧୪.୮୧୪ ଟ୍ରିଲିଅନ ଟଙ୍କା ସରକାରଙ୍କ ଋଣ ରହିଛି । ଏହାଛଡା ୪.୨୨୩ ଟ୍ରିଲିଅନ ଟଙ୍କାର ଅଣ ସରକାରୀ ଋଣ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ୧.୧୮୮ ଟ୍ରିଲିଅନ ଟଙ୍କାର ଋଣ ରହିଛି । ଦୁଃସ୍ଥିତିରୁ ମୁକୁଳିବା ପାଇଁ ଜୁଲାଇ ୨୦୧୯ରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର କାର୍ଯ୍ୟନିର୍ବାହୀ ମଣ୍ଡଳୀ ୬ ମିଲିଅନ ଡଲାର ଋଣ ପାକିସ୍ଥାନକୁ ଦେବାଲାଗି ସ୍ଥିର କରିଥିଲେ । ଆଫଗାନିସ୍ଥାନରେ ତାଲିବାନ ସରକାରକୁ କ୍ଷମତାରେ ବସାଇଥିବା ପାକ୍ ସରକାର ବହୁଚେଷ୍ଟା କରିବା ସତ୍ତ୍ୱେ ଆବଶ୍ୟକ ବିଦେଶୀ ପୁଞ୍ଜି ନିବେଶ ପାଇପାରିଲେ ନାହିଁ କିମ୍ବା ପାକ୍‌ର ଆଭ୍ୟନ୍ତରୀଣ ଅସ୍ଥିର ନୀତି ଯୋଗୁ ବିଦେଶୀ ନିବେଶକାରୀ ପାକିସ୍ଥାନରେ ପୁଞ୍ଜିନିବେଶ କରିବାକୁ ଚ୍ଛହିଁଲେ ନାହିଁ । ଫଳରେ ପାକ୍‌ରେ ଉତ୍ପାଦନ ତୁଳନାରେ ଆମଦାନି ବଢିବାରେ ଲାଗିଛି, ତାହା ପୁଣି ୟୁରୋପରୁ । ୨୦୨୩ସୁଦ୍ଧା ପାକିସ୍ଥାନର ବିଦେଶୀଋଣର ପରିମାଣ ପ୍ରାୟ ୧୧୮୫୦୦ମିଲିଅନ ଆମେରିକୀୟ ଡଲାର ହେବ । ପାକ୍‌ର ସେଣ୍ଟ୍ରାଲ ବ୍ୟାଙ୍କ ଆକଳନ ଅନୁଯାୟୀ ଜୁଲାଇ ୨୦୨୧ରୁ ଜାନୁଆରୀ ୨୦୨୨ମଧ୍ୟରେ ସର୍ବସାଧାରଣ ଋଣ ୯.୫ ପ୍ରତିଶତ ବଢିଛି, ଯାହା ପାକ୍ ମୁଦ୍ରାରେ ହିସାବ କଲେ ୪୨.୪ ଟ୍ରିଲିଅନ ହେବ । ଜୁନ୍ ୨୦୧୮ରେ ପ୍ରକାଶିତ ଏକ ଖବରକାଗଜର ଆକଳନ ଅନୁସାରେ ସେପ୍ଟେମ୍ବର ୨୦୨୧ସୁଦ୍ଧା ପାକ୍‌ର ଋଣ ପରିମାଣ ଇମରାନଙ୍କ ସରକାର ସମୟରେ ୬୩ପ୍ରତିଶତ ବଢିଥିଲା । ଦେଶ ଚଳାଇବାକୁ ଅର୍ଥ ନଥିବା କଥା ଗତ କିଛିମାସ ହେବ ବିଦାୟୀ ପ୍ରଧାନମନ୍ତ୍ରୀ ଇମରାନ ବାରମ୍ବାର କହିଆସୁଥିଲେ । କେବଳ ସୁଧ ପରିମାଣ ୭.୫ ଟ୍ରିଲିଅନ ଟଙ୍କା ପାକ୍‌କୁ ଦେବାକୁ ହେଉଛି । ବିଗତ ବର୍ଷକ ମଧ୍ୟରେ ଖାଦ୍ୟାନ୍ନରେ ୧୭ପ୍ରତିଶତ ମୂଲ୍ୟ ବୃଦ୍ଧି ଘଟିଛି । ପଡୋଶୀ ରାଷ୍ଟ୍ର ଭାରତ, ଚୀନ ଏବଂ ବଙ୍ଗଳାଦେଶ ତୁଳନାରେ ପାକିସ୍ଥାନର ବିଦ୍ୟୁତ କର ଦୁଇଗୁଣ ଅଧିକ ।

୨୦୨୦-୨୧ ଆର୍ଥିକ ବର୍ଷର ବଜେଟରେ ଦେଶର ସାଧାରଣ ସ୍ୱାସ୍ଥ୍ୟ ପାଇଁ ମାତ୍ର ୧୫୧ ମିଲିଅନ ଡଲାର ଖର୍ଚ୍ଚ ପାଇଁ ରଖାଯାଇଥିବା ସ୍ଥଳେ ସେନାପାଇଁ ୭.୮୫ ବିଲିଅନ ଡଲାର ରଖାଯାଇଥିଲା । ବିଶ୍ୱବ୍ୟାଙ୍କର ପ୍ରକାଶିତ ବିବରଣୀ ଅନୁସାରେ ପୃଥବୀରେ ସର୍ବାଧିକ ବିଦେଶୀ ଋଣ କରିଥିବା ୧୦ଟି ଦେଶ ଭିତରେ ପାକିସ୍ଥାନ ରହିଛି । ୨୦୨୧-୨୩ ମଧ୍ୟରେ ପାକ୍ ପାଇଁ ୫୧.୬ ବିଲିଅନ ଡଲାରର ବାହାର ଋଣ ଆବଶ୍ୟକ ବୋଲି ହିସାବ କରାଯାଇଥିଲା । ତନ୍ମଧ୍ୟରୁ ୨୦୨୧-୨୨ ପାଇଁ ୨୩.୬ ବିଲିଅନ ଡଲାର ଏବଂ ୨୦୨୨-୨୩ ପାଇଁ ୨୮ବିଲିଅନ ଡଲାର ଆବଶ୍ୟକ । ଚଳିତବର୍ଷ ଦେଶର ବିକାଶ ହାର ୪.୩ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ କହିଛି, ଯାହା ଗତ ବର୍ଷ ତୁଳନାରେ ଏକ ପ୍ରତିଶତ କମ୍ । ତେଣୁ ୨୦୨୩ରେ ଦେଶର ମୁଦ୍ରାସ୍ଫିତି ଦୁଇଅଙ୍କରେ ପହଞ୍ଚିବ ବୋଲି କୁହାଯାଉଛି । କୋରୋନା ଯୋଗୁ ଏପ୍ରିଲ ୨୦୨୦ରୁ ୨୦୨୨ମଧ୍ୟରେ ବିଦେଶକୁ ରପ୍ତାନି ୬୦ପ୍ରତିଶତ ହ୍ରାସ ପାଇଛି, ଯାହା ବୈଦେଶିକ ମୁଦ୍ରା ଅର୍ଜନକୁ ସଙ୍କୁଚିତ କରିଛି । ପାକ୍‌କୁ ଚଳିତ ଏପ୍ରିଲ-ଜୁନ୍ ୨୦୨୨ ସମୟରେ ପ୍ରାୟ ୨.୫ ବିଲିଅନ୍ ଡଲାରର ସୁଧ ଦେବାକୁ ହେବ । ଗତ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୨ ମଧ୍ୟରେ ୧୦ ବିଲିଅନ ଡଲାର ସୁଧ ପାକିସ୍ଥାନକୁ ଦେବାକୁ ହୋଇଛି । ୧ ଏପ୍ରିଲ ୨୦୨୨ ହିସାବ ଅନୁସାରେ ପାକ୍ ହାତରେ ୧୭.୪୭ ବିଲିଅନ ଡଲାରର ବିଦେଶୀ ମୁଦ୍ରା ଭଣ୍ଡାର ରହିଛି । ତନ୍ମଧ୍ୟରୁ ଷ୍ଟେଟବ୍ୟାଙ୍କ ଅଫ୍ ପାକିସ୍ଥାନ ହାତରେ ୧୧.୩ ବିଲିଅନ ଥିଲା ବେଳେ ବାଣିଜ୍ୟିକ ବ୍ୟାଙ୍କଗୁଡିକର ହାତରେ ୬.୧୫ ବିଲିଅନ ରହିଛି । ଆଗାମୀ ଦିନରେ ଋଣ ପରିଶୋଧ କରିବାକୁ ଥିବା ହେତୁ ଏହି ପରିମାଣ ହ୍ରାସ ପାଇବାର ସମ୍ଭାବନା ରହିଛି । ଏପରି ସ୍ଥିତିରେ ବର୍ତ୍ତମାନର ନୂତନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ କିପରି ପରିସ୍ଥିତିକୁ ସମ୍ଭାଳିବେ ତାହା କେବଳ ଦେଖିବାକୁ ବାକି ରହିଛି ।

ଭାରତର ଅନ୍ୟତମ ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କାର ଆର୍ଥିକ ସ୍ଥିତି ସବୁଠୁ ଅଧିକ ଜଟିଳ ହୋଇଛି । ଋଣ ପରିଶୋଧ କରିବାକୁ ୫୧ ବିଲିଅନ ଡଲାର ନାହିଁ ବୋଲି କହି ସରକାର ଦେଶକୁ ଦେବାଳିଆ ଘୋଷଣା କରିସାରିଛନ୍ତି । ଏହାଦ୍ୱାରା ବିଦେଶୀ ପୁଞ୍ଜିଲଗାଣ ହ୍ରାସ ପାଇବା ସହ ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ରର ଗୁରୁତ୍ୱ ମଧ କମିବ । କାରଣ ବିଦେଶୀ ମୁଦ୍ରାର ଅଭାବ ଯୋଗୁଁ ୨୨୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରାଷ୍ଟ୍ର ହାତରେ ଚ୍ଛଉଳ, କ୍ଷୀର ଏବଂ ତୈଳ କିଣିବାକୁ ଅର୍ଥ ନାହିଁ । ବିଦେଶରୁ କୋଇଲା କ୍ରୟ ହୋଇପାରୁ ନଥିବା ହେତୁ ୧୩ଘଣ୍ଟା ବିଦ୍ୟୁତ କାଟ ଦେଶରେ ଚ୍ଛଲୁରହିଛି । ଚଳିତ ବର୍ଷ ୭ ବିଲିଅନ ଡଲାର ସୁଝିବାକୁ ଥିଲା ବେଳେ ଶ୍ରୀଲଙ୍କା ସରକାରଙ୍କ ହାତରେ ମାତ୍ର ୧.୬ ବିଲିଅନ ଡଲାର ରହିଛି । ତେଣୁ ୧୨ଏପ୍ରିଲ ୨୦୨୨ରେ ସରକାର ଦେଶକୁ ଦେବାଳିଆ ଘୋଷଣା କରିଛନ୍ତି । ଗତ ୨୦ବର୍ଷ ହେବ ଶ୍ରୀଲଙ୍କାର ସରକାର ବଣ୍ଡ ଜାରିକରି ଆନ୍ତର୍ଜାତିକ ବେସରକାରୀ ମୁଦ୍ରା ବଜାରରୁ ଅଧିକ ସୁଧ ହାରରେ ଏବଂ ଅଳ୍ପଦିନରେ ପରିଶୋଧ ପାଇଁ ଋଣ କରିବା ଯୋଗୁ ଏପରି ଖରାପସ୍ଥିତି ସୃଷ୍ଟି ହୋଇଛି । ଖାଦ୍ୟାନ୍ନ କ୍ଷେତ୍ରରେ ମୁଦ୍ରାସ୍ଫିତି ୩୦ପ୍ରତିଶତ ହୋଇଛି । ଦେଶର ମୋଟ ବୈଦେଶିକ ଋଣମଧ୍ୟରୁ କେବଳ ଚୀନର ଅଂଶ ୧୦ପ୍ରତିଶତ ରହିଛି, ଭାରତର ଋଣ ମାତ୍ର ୩ ପ୍ରତିଶତ ରହିଛି । ଶ୍ରୀଲଙ୍କା ଭାରତର ନିକଟ ପଡୋଶୀ ରାଷ୍ଟ୍ର ହୋଇଥିଲେ ହେଁ ତାମିଲଦମନ ନୀତି ଯୋଗୁ ବିଗତ ବର୍ଷଗୁଡିକରେ ଚୀନ ଏବଂ ପାକିସ୍ଥାନର ବନ୍ଧୁ ରାଷ୍ଟ୍ର ଭାବେ ପରିଗଣିତ ହୋଇଆସିଛି । ଦେଶର ବିଦେଶ ନୀତିରେ ଭାରତ ତୁଳନାରେ ଏହି ଦୁଇ ଭାରତର ଶତ୍ରୁ ରାଷ୍ଟ୍ରକୁ ନିଜର ଅଧିକ ମିତ୍ର ରାଷ୍ଟ୍ର ଭାବେ ଶ୍ରୀଲଙ୍କା ଗ୍ରହଣ କରିଆସିଛି । ଫଳରେ ଭାରତର ବୈଦେଶିକ ନୀତିରେ ମାଳଦ୍ୱୀପ ତୁଳନାରେ ଶ୍ରୀଲଙ୍କାର ଗୁରୁତ୍ୱ କମ୍ ରହିଛି । କାରଣ ମାଳଦ୍ୱୀପ ଓ ମରିସସ୍‌ର ପ୍ରକଳ୍ପ ସ୍ଥାପନା ନେଇ ଭାରତକୁ ଯେତେ ପରିଶ୍ରମ କରିବାକୁ ପଡେ ତାଠାରୁ ଢେର ଅଧିକ ଶ୍ରୀଲଙ୍କାରେ କରିବାକୁ ହୋଇଥାଏ । ଏବେ ସମସ୍ୟା ବେଳେ କେବଳ ଭାରତ ସରକାର ଶ୍ରୀଲଙ୍କାକୁ ଖାଦ୍ୟ, ତୈଳ, ଔଷଧ, ଅର୍ଥ ଆଦି ସହାୟତା ଦେଇ ଚ୍ଛଲୁଥିଲା ବେଳେ ପାକ୍-ଚୀନ ସରକାରଙ୍କ ଦେଖାନାହିଁ । ପର୍ଯ୍ୟଟନ ଶ୍ରୀଲଙ୍କା ପାଇଁ ଅର୍ଥାଗମର ମୁଖ୍ୟ ମାଧମ ହୋଇଥିବାରୁ ୨୧ଟି ବିମାନକୁ ସରକାର ଦୀର୍ଘ ମିଆଦୀ ସୂତ୍ରରେ ଲିଜ୍ ଦେଇ ୩୫ଟି ବିମାନ ପର୍ଯ୍ୟନ୍ତ ଏହି ସଂଖ୍ୟା ଆଗାମୀ ତିନିବର୍ଷରେ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି । କିନ୍ତୁ ମାର୍ଚ୍ଚ ୨୦୨୦ସୁଦ୍ଧା ବିମାନଗୁଡିକର କ୍ଷତି ୧.୫୬ ବିଲିଅନ ଡଲାର ସହ ଋଣ ୧.୭ ବିଲିଅନ ଡଲାର ରହିଛି । ନିକଟରେ ଶ୍ରୀଲଙ୍କା ବିମାନ କମ୍ପାନୀ ୧୭୫ ମିଲିଅନ ଡଲାର ମୂଲ୍ୟର ବଣ୍ଡ ଜାରି କରିଥିଲେ ମଧ ଆନ୍ତର୍ଜାତିକ ଏଜେନ୍ସୀ ଫିଚ୍ ପକ୍ଷରୁ କମ୍ପାନୀକୁ ସିରୁ ସିସି ସ୍ତରକୁ ରେଟିଂରେ ଖସାଇ ଦେଇ ଦେବାଳିଆ ମାନ୍ୟତା ଦେଇଛି । ପୂର୍ବରୁ ଏହି ବିମାନ କମ୍ପାନୀକୁ ବେସରକାରୀ ପରିଚ୍ଛଳନା ସପକ୍ଷରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ମତ ଦେଇଥିଲେ । ଏଭଳି ଧଳାହାତୀ ପୋଷି ସରକାର ତଳିତଳାନ୍ତ ହେବେ ବୋଲି ଯାହା କୁହାଯାଇଥିଲା ଏବେ ତାହା ସତ୍ୟ ହୋଇଛି । ୨୦୦୮ରେ ଦୁବାଇର ଏମିରେଟସ ବିମାନ ସଂସ୍ଥା ସହ ପରିଚ୍ଛଳନା ବୁଝାମଣାକୁ ନିରସ୍ତ କରିବା ପୂର୍ବରୁ ଏହା ଏକ ଲାଭଜନକ ସଂସ୍ଥା ରହିଥିଲା । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ଷଙ୍କ ସହ ବ୍ୟକ୍ତିଗତ ମତଭେଦ ଯୋଗୁ ସରକାର ସେତେବେଳେ ଉକ୍ତ ବୁଝାମଣାକୁ ବାତିଲ କରି ଦେଇଥିଲେ । ସେତେ ବେଳେ ଲଣ୍ଡନରୁ ଶ୍ରୀଲଙ୍କା ଫେରୁଥିବା ମହିନ୍ଦାଙ୍କ ପରିବାର ବର୍ଗଙ୍କ ପାଇଁ ପୂର୍ବରୁ ବୁକିଂ କରିଥିବା ଯାତ୍ରୀଙ୍କ ସିଟ ଦେବାକୁ କମ୍ପାନୀ ମନା କରି ଦେଇଥିଲା । ତେଣୁ ମହିନ୍ଦା ଏମିରେଟ ପକ୍ଷରୁ ନିଯୁକ୍ତ ଶ୍ରୀଲଙ୍କା ଏୟାରଲାଇନ୍ସ ମୁଖ୍ୟଙ୍କୁ ହଟାଇ ତାଙ୍କ ସ୍ଥାନରେ ନିଜର ଭିଣୋଇ ନିସାନ୍ଥା ବିକ୍ରମସିଂଘେଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତି ଦେଇଥିଲେ । ତାଙ୍କ କାର୍ଯ୍ୟକାଳରେ ୮ଟି ଏ-୩୫୦ ଜେଟ୍ ବିମାନକୁ ଲିଜ୍ ଦେବା ମାମଲାର ଅପରାଧିକ ବିଚ୍ଚର ଏବେ ସୁଦ୍ଧା ଜାରିରହିଛି । ସେହି ମାମଲାରେ ତତ୍‌କାଳୀନ ଶ୍ରୀଲଙ୍କା ଏୟାର ଲାଇନ୍ସର ଅଧିକାରୀ କପିଳ ଚନ୍ଦ୍ର ସେନା ଏବଂ ତାଙ୍କ ପତ୍ନୀ ଏକ ଆନ୍ତର୍ଜାତିକ ଅନୁସନ୍ଧାନର ସମ୍ମୁଖୀନ ହୋଇ ୨ ମିଲିଅନ ଡଲାର ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଦୁଇବର୍ଷ ପୂର୍ବେ ଗିରଫ ହୋଇଥିଲେ ।

ଶ୍ରୀଲଙ୍କାର ଶାସନରେ ଥିବା ରାଜପାକ୍ଷ ପରିବାରର ଚ୍ଛରିଭାଇ ଏବଂ ଜଣେ ପୁଅ କ୍ୟାବିନେଟ୍ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ପରିବାରର ଅନ୍ୟ ସଦସ୍ୟଗଣ ଭିନ୍ନ ଭିନ୍ନ ପ୍ରମୁଖ ପଦପଦବୀରେ ରହିଛନ୍ତି । ୨୦୨୧ରେ ସରକାର ବିଦେଶରୁ ୨୦ ବିଲିଅନ ଡଲାରର ବସ୍ତୁ ଆମଦାନି କରିଥିଲା ବେଳେ ୨୦୧୯ର ଇସଲାମିକ ସନ୍ତ୍ରାସୀ ଆକ୍ରମଣ ଯୋଗୁ ପର୍ଯ୍ୟଟକମାନଙ୍କ ଶ୍ରୀଲଙ୍କା ଗସ୍ତ ହ୍ରାସ ପାଇଥିଲା । ସେମିତି କୋରୋନା ଯୋଗୁ ଗତ ଦୁଇବର୍ଷ ହେବ ବିଦେଶରେ ଥିବା ଶ୍ରୀଲଙ୍କାର କର୍ମଚ୍ଛରୀଗଣ ଛଟେଇର ଶିକାର ହୋଇଥିଲେ । ମଇ ୨୦୨୧ରେ ସରକାର ଦେଶରେ ରାସାୟନିକ ସାର ପ୍ରୟୋଗକୁ ନିଷେଧ କରିବା ପରେ ଚ୍ଛଷୀମାନେ ଜୈବିକ ସାର ପାଇନଥିଲେ, ତେଣୁ ବହୁଜମି ଚ୍ଛଷ ହୋଇପାରିନଥିଲା । ନଭେମ୍ବର ୨୦୨୧ରେ ସରକାର ପୁରୁଣାନୀତିକୁ ଫେରାଇ ନେଲାବେଳକୁ ବହୁ ବିଳମ୍ବ ହୋଇସାରିଥିଲା । ଦେଶରେ ୪୫ ପ୍ରତିଶତ ଚ୍ଛଷ ହୋଇପାରିନଥିଲା । ଭାରତରୁ ୩ଲକ୍ଷ ଟନ୍ ଏବଂ ମ୍ୟାନମାରଠାରୁ ୧ଲକ୍ଷ ଟନ ଚ୍ଛଉଳ ଶ୍ରୀଲଙ୍କା ସରକାର ଆମଦାନୀ କରିବାକୁ ଗତ ଫେବୃଆରୀରେ କହିଥିଲେ । ଚୀନ ୨୦୦୦ଟନ୍ ଚ୍ଛଉଳ ଶ୍ରୀଲଙ୍କାକୁ ଉପହାର ଦେବାକୁ ମଧ ନିକଟରେ ଘୋଷଣା କରିଛନ୍ତି । ଏପରି ସଙ୍କଟ ୧୯୭୭ରେ ଶିରିମାଭୋ ବନ୍ଦରନାୟକେଙ୍କ ଶାସନ କାଳରେ ହୋଇଥିଲା । ଫଳରେ ଅସନ୍ତୋଷ ଯୋଗୁ ଲୋକେ ଜୟବର୍ଦ୍ଧନେଙ୍କୁ ବିଜୟୀ କରାଇଥିଲେ । ତେଣୁ ଶ୍ରୀଲଙ୍କାର ଆଗାମୀ ଦିନଗୁଡିକ ବହୁ କଷ୍ଟକର ହେବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର -୭୫୧୦୦୩

# ସୁସ୍ଥ ସାଧନା

ହେମନ୍ତ କୁମାର ପରିଡ଼ା

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ଜୀବନ ସୁଖୀ ଜୀବନ। ଦୁଃଖ ଯନ୍ତ୍ରଣା ରହିତ ଶରୀର ଓ ମନ ହେଉଛି ସୁସ୍ଥତାର ଲକ୍ଷଣ। ଏକଥା ଆମେ ସମସ୍ତେ ଜାଣିଛେ। ଯେଉଁଠି ଜୀବନ ଅଛି ସେଠାରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଅଛି। ଶାରୀରିକ ଓ ମାନସିକ ଏହି ଦୁଇଟିର ଯଥାଯଥ ବିକାଶ ହେଉଛି ଉତ୍ତମ ସ୍ୱାସ୍ଥ୍ୟର ପରିଚୟକ। ଉତ୍ତମ ସ୍ୱାସ୍ଥ୍ୟ ସଫଳ ଜୀବନର ବାହକ। ଉତ୍ତମ ସ୍ୱାସ୍ଥ୍ୟ ବିନା ଜୀବନ ଦୁର୍ବିସହ ହୋଇଯାଏ। ମନୁଷ୍ୟ ଏହି ସୃଷ୍ଟିର ଶ୍ରେଷ୍ଠ ଜୀବ। କୌଣସି ବ୍ୟକ୍ତିକୁ ଯଦି ସମଗ୍ର ବିଶ୍ୱର ଅଧିଶ୍ୱର କରି ଦିଆଯାଏ, ଯେବେ ସେ ସୁସ୍ଥ ନଥାଏ ତେବେ ସମସ୍ତ ସମ୍ପଦ, ସମସ୍ତ ପଦ ପଦବୀ ତା ପାଇଁ ମୂଲ୍ୟହୀନ। ଏହି ଶରୀରକୁ ଆଧାର କରି ସବୁ କିଛି। ଭାଗବତରେ ଅଛି 'ଏ ଦେହ ଥିଲେ ସବୁ ପାଇଁ'। ତେଣୁ ଏହି ଈଶ୍ୱର ପ୍ରଦତ୍ତ ଶରୀର ରୂପକ ଯନ୍ତ୍ରଟିକୁ ଯତ୍ନର ସହିତ ସୁସ୍ଥ ସବଳ ଓ ସତେତ କାର୍ଯ୍ୟକ୍ଷମ କରି ରଖିବାକୁ ହୋଇଥାଏ। ଏହା ଆମର ବାହନ। ଆମକୁ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାର ମାଧମ। ଯଦି ଯନ୍ତ୍ର ଅସୁସ୍ଥ ହୋଇଗଲା କାର୍ଯ୍ୟକ୍ଷମ ହେଲାନାହିଁ ତେବେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ନାହିଁ। ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍।

ସୃଷ୍ଟିର ଅନନ୍ତ ପ୍ରବାହ ଏକ ଅନୁଶାସନର ଅନୁବର୍ତ୍ତିତ। ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ନକ୍ଷତ୍ର, ଆକାଶ, ଅନିଳ, ଅନନ୍ଦ, ଜଳସ୍ଥଳ ଠାରୁ ଆରମ୍ଭ କରି ଚର ଅଚର ସବୁକିଛି ଏକ ନିୟମର ବଶବର୍ତ୍ତୀ। ନିୟମ ଏକ ଶୃଙ୍ଖଳା। ସମସ୍ତେ ନିୟମ ମାନି ଶୃଙ୍ଖଳାର ସହିତ ଆପଣା କର୍ତ୍ତବ୍ୟ ପାଳନ କରୁଛନ୍ତି। କେବଳ ମନୁଷ୍ୟ ସବୁ ଜାଣି ମଧ ସ୍ୱେଚ୍ଛାଚାରୀ ହୋଇ ନିୟମ ଉଲ୍ଲଂଘନ କରେ ବିଶୃଙ୍ଖଳିତ ଜୀବନ ଯାପନ କରେ। ଯାହାଫଳରେ ନିଜେ ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ହେବା ସହିତ ସାରା ସୃଷ୍ଟିକୁ ଅସୁସ୍ଥ ଏବଂ ବିଶୃଙ୍ଖଳିତ କରିଦିଏ। ଆମ ଅଜାଣତରେ ଆମ କର୍ମର ପ୍ରଭାବ ଅନ୍ୟ ମାନଙ୍କୁ ଭୋଗିବାକୁ ପଡ଼େ। ବର୍ତ୍ତମାନ ଆମେ ଭୋଗୁଥିବା ସମସ୍ତ ଦୁଃଖ ଦୈନ୍ୟ ଆମ ଅସୁସ୍ଥ ଆଚରଣର ପରିଣାମ ମାତ୍ର। ଆମେ ନିୟମାନୁବର୍ତ୍ତି ହେଲେ ପ୍ରକୃତି ମଧ ଆମର ସୁରକ୍ଷା କରିବ। ଭଗବାନ ବହୁ ଭାବରେ ଆମକୁ ସ୍ୱୟଂ ସଞ୍ଚାଳିତ କରିଛନ୍ତି। ଏହା ତାଙ୍କର ଅଶେଷ ଆଶୀର୍ବାଦ। ସଚେତନତା, ନିୟମାନୁବର୍ତ୍ତୀତା, ଧୈର୍ଯ୍ୟ, ଶ୍ରଦ୍ଧା, ପ୍ରେମ, କ୍ଷମା, ସହିଷ୍ଣୁତା, ଉତ୍ସାହ, ଉଦ୍ଦୀପନା ଓ କଠୋର ପରିଶ୍ରମ ଆଦି ଜୀବନ ନିର୍ମାଣର ଗୋଟିଏ ଗୋଟିଏ ବିଭାବ। ସୁସ୍ଥ ଜୀବନ ପାଇଁ ଭଗବାନ ଆମକୁ ଦୁଇଟି ଆଶୀର୍ବାଦ ଦେଇଛନ୍ତି। ଭୁଲିଯିବାର କଳା ଏବଂ ହସିବାର କଳା। ଏହି ଦୁଇଟି ଆଶୀର୍ବାଦ କଳା ଯଦି ଆମେ ଭଲ ଭାବେ ଦେଖିଯିବା ଶିଖିଯିବା ତେବେ ଜୀବନର ସବୁଠାରୁ ଦୁଃଖଦ ସମୟରେ ମଧ ଏହି କଳା ମଣିଷ ପାଇଁ ସଞ୍ଜିବନୀ ସଦୃଶ କାମ କରିବ।ଆମ ଶରୀର ଏକ ବିଚିତ୍ର ଯନ୍ତ୍ର। ବିଚିତ୍ର କଳା କୌଶଳରେ ନିର୍ମିତ ଅନେକ ସୂକ୍ଷ୍ମାତି ସୂକ୍ଷ୍ମ ସ୍ୱୟଂ ଚାଳିତ ଯନ୍ତ୍ରାଂଶର ଏହା ସମ୍ମିଳିତ ସ୍ୱରୂପ। ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ, ପ୍ଲିହା, ପାକସ୍ଥଳୀ, ମୂତ୍ରଯନ୍ତ୍ର, ଶିରା ପ୍ରଶିରା ଭଳି ଅନେକ ଛୋଟ ବଡ଼ ଯନ୍ତ୍ର ମିଳିତ ଭାବେ ଶରୀର ମନକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଆନ୍ତି। କଥାରେ ଅଛି - ଯଦି ପେଟ ଓ ମୁଣ୍ଡ ଉଭୟ ପରିଷ୍କାର ତେବେ ଶରୀର ଆପାତତ୍ ସୁସ୍ଥ। ପ୍ରାୟ ରୋଗ, ଶୋକ, ଦୁଃଖର ଉତ୍ପତ୍ତି ସ୍ଥଳ ଏହି ପେଟ ଓ ମୁଣ୍ଡ ଅଟେ। ଖାଦ୍ୟ ଠିକ୍ ଠିକ୍ ପରିପାକ ହେଉଥିବ, ମଳମୂତ୍ର ନିଷ୍କାସନ ଠିକ ଭାବେ ହେଉଥିବ, ମୁଣ୍ଡରେ କୌଣସି କୁଚିନ୍ତା, ଦୁଶ୍ଚିନ୍ତା ନଥିବ, ନିଦ୍ରା ଠିକ ଭାବେ ହେଉଥିବ, ସ୍ନାୟବିକ ଦୌବଲ୍ୟତା ନଥିବ, ଅନ୍ତସ୍ରାବୀ ଗ୍ରନ୍ଥୀ ସଠିକ ଭାବେ କାର୍ଯ୍ୟ କରୁଥିବ, ତେବେ ଜାଣିବ ଶରୀର ଓ ମନ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରିଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

କବିତା କୋଣାର୍କ

## ନବ ଉନ୍ମେଷ

ସୁଦର୍ଶନ ମହାପାତ୍ର



ସମୟ ଯାଇନାହିଁ ହଜି
ନିଶ୍ଚୟ ଫେରିବ
କିଛି ସୁସମାଚାର ଧରି
ମୋର ଏଇ ରିକ୍ତ ଜୀବନକୁ !
ସେଇ ପର୍ଯ୍ୟନ୍ତ....
ହୃଦୟ ଭିତରେ ସମ୍ଭାଳି ରଖିଛି
ଦୋହଲି ଯାଉଥିବା ବିଶ୍ୱାସ ମାନଙ୍କୁ

ଭୟରେ ଜୁଡୁବୁଡୁ ଓଜନିଆ ଛାତିକୁ
ହାଲକା କରିବାର ମନ୍ତ୍ର ପଢି
ଆବାହନ କରୁଛି ସମ୍ଭାବନାକୁ,
ଘନ ଅନ୍ଧକାରେ
ନୀରବରେ ଅପେକ୍ଷାରତ
ସକାଳର ନବ ଉନ୍ମେଷକୁ।

ପ୍ରତୀକ୍ଷାର ଅନ୍ତ ଅଛି
ତାହା ତ' ଭଲକି ଜାଣିଛି
ସାମ୍ନା କରୁଛି.....
ହସି ହସି ଦୁର୍ଦ୍ଦିନକୁ,
ଚାହିଁଛି ଖୁସିର ଆସିବା ବାଟକୁ
ଆଶା ଓ ଆଲୋକର ପଦପାତକୁ
ଯୁଦ୍ଧ ଘନଘଟା ମୁକ୍ତ ନୂଆ
ପୃଥିବୀକୁ...!!

ସ୍ୱପ୍ନ ଦେଖୁଛି ଆଗାମୀ ଦିନର
ପଲ୍ଲବିତ ହେବ ଜୀବନ କାନନ
ମିଠା ମିଠା ବଂଶୀର ସ୍ୱନ
ପ୍ରାଣରେ ଭରିଦେବ ସତେ
ମନ୍ମୟ ମୃଦୁ ଶିହରଣ !
ଫେରିବ ସୁଦିନ
ଶୁଭ୍ରତା ଆଉ ସତେଜତାମୟ
ଜୀବନ ଯାତ୍ରାର
ଏକ ନୂଆ ସମୀକରଣ !

♥ କୁଞ୍ଜବିହାରୀ ଲେନ, କଟକ

## ପୁରୁଷଟିଏ

ଅନନ୍ତ କୁମାର

ପାଠ ସାଠ ପଢି ବୁଲେ
ବାର ଦୁଆର ଚାକିରି ଖଣ୍ଡିଏ ପାଇଁ
ଚାକିରି ନ ମିଳିଲେ
ଯାଏ ବିଦେଶ ଦାଦନ ଖଟିବା ପାଇଁ,

ଘର ସଂସାର ବୋଝକୁ ମୁଣ୍ଡାଇ
ଯାଏ ଅଜଣା ରାଇଜକୁ ଉଡି
କଷ୍ଟ ଯନ୍ତ୍ରଣାକୁ ଛାତିରେ ଚାପି
କର୍ମ କରେ ସିଏ ବିଦେଶରେ ପଡି,

ଗାଁ, ସାଙ୍ଗ ସାଥୀ ସହୋଦର
ସଭିଙ୍କୁ ଯାଏ କରି ପର
ବାର ମାସ ତେର ପରବ
ସବୁ ହୁଏ ତା ପାଇଁ ଛାର,

ତିରିଶ ଦିନ ଖଟି ଖଟି
ପାଏ ଯାହା ଯେତେ ବେତନ,
ଘରକୁ ପଠାଏ ସବୁ
ରଖେ ନାହିଁ ଅଣ୍ଟିରେ ଧନ,

କେତେ ନିର୍ଯାତନା କେତେ ଦୁର୍ଘଟଣା
ସହେ ଛାତିକୁ ପଥର କରି,
ମନର କୋହ ଆଖିର ଲୁହକୁ
ମନଭିତରେ ଦିଏ ସେ ମାରି,

ରାଗ ରୁଷା ମାନ ଅଭିମାନ
ଛନ୍ଦ କପଟ କରେ ନାହିଁ,
ପର ଆପଣା କାହାକୁ ନ ଭାବି
ଚଳେ ବିଦେଶେ ସାଥି ହେଇ,

ନିଜ ଦୁଃଖ ସୁଖ ନିଜ ପାଖେ ବାଣ୍ଟେ
କହି ତ ପାରେ ନା କାହାକୁ,
ନିଜ ଶରୀର ଭଲ ମନ୍ଦ ବୁଝେ ସେ
ଦେଖାଇ ପାରେନା କାହାକୁ,

ବାପା 'ମା' କଥା ବୁଝୁଥାଏ ପୁଣି
ବୁଝେ ପୁଣି ଭାଇ ଭଉଣୀ କଥା,
ଘର ସଂସାର କଥା ବୁଝୁ ବୁଝୁ
ଭୁଲି ଯାଏ ବେଳେ ବେଳେ ନିଜ କଥା,

ପରିବାରର ହସ ଖୁସି ପାଇଁ
ଆସେ ପରଦେଶୀ ହେଇ
କର୍ମ ସରିଗଲେ ବୟସ ବଢିଲେ
ଯାଏ ସେ ବିଦାୟ ନେଇ,

ସଭିଙ୍କ ମନେ ହସ ଖୁସି ଭରି ଦିଏ
ନିଜ ଖୁସି ଭୁଲି ଯାଇ,
ଘର ପରିବାର ଗୁଜୁରାଣ ମେଣ୍ଟାଏ
ନିଜେ ଉପବାସ ରହି,

ଭାଇ, ବନ୍ଧୁ କୁଟୁମ୍ବ ଶବକୁ
କାନ୍ଧ ଦେଇ ପାରେ ନାହିଁ
ପିତା ମାତାଙ୍କ ଶେଷ ବେଳେ
ଦର୍ଶନ ଟିକେ ପାଏ ନାହିଁ,


ମନ କଥା ମନରେ ମାରି
ଚାରି କାନ୍ଥେ ଗୁମୁରି କାନ୍ଦେ
କାହିଁକି ପୁରୁଷ ଜନମିଲା
ବସି ବସି ଭାଗ୍ୟକୁ ନିନ୍ଦେ,

♥ ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯



## ରୂପସୀ ଚିଲିକା

ଧ୍ରୁବ ଚରଣ ବେହେରା



ରେଳଯାତ୍ରା ଲାଗେ ଆନନ୍ଦ ଉଲ୍ଲାସ
ଆଗେଅଛି ବ୍ରହ୍ମପୁର
ବାଲୁଗାଁ ପରଠୁ ପ୍ରକୃତି ରୂପସୀ
ଚିଲିକା କେତେ ସୁନ୍ଦର ।

ମରାଳଙ୍କ ଛବି ନୀଳ ଜଳ ପରେ
ଦିଶେ କମଳନୀ ପ୍ରାୟ
ନୌକା ବାହିଯାଏ ନାଉରୀ ବାପୁଡା
ହୃଦୟରୁ ଛାଡି ଭୟ ।

ସବୁଜ ଶିଖରେ ଶୋଭିତା ଭାଲେରୀ
ଦିଗ୍ ବଳୟକୁ ଥାଏ ଚାହିଁ
ରତ୍ନ ବିଭୁଷିତା ଦୀର୍ଘିକା କୋଳରେ
ଫୁଟେ ସ୍ୱର୍ଣ୍ଣିମର ଛଇ ।

ସତେକି ତପନ ପ୍ରେମିକା ପଣରେ
ପାଛୋଟି ନେଇଛି ତାକୁ
ଦେଖିଲେ ଲାଗଇ ଅନନ୍ୟ ବଳାସୀ
ଉପମାର ନାୟିକାକୁ ।

ନୀଳ ଗଗନର ନୀଳବାସ ତଳେ
ଶୋଭାର ରାଜନନ୍ଦିନୀ
ପ୍ରେମ ଭରା ତାର ଚାରୁ କାନ୍ତି ଲାଗେ
ହୃଦୟ ପ୍ରେମ ରାଗିଣୀ ।

ଭାବନା ବୁକରେ ମାନସ ପଟରେ
ଆଙ୍କଇ ଚିତ୍ରିତ ଛବି
କେତେ ଅପୂର୍ବତା ଭରିଛି ବିଧାତା
ସେନେହ ସ୍ମୃତିରେ ବାନ୍ଧି ।


ପ୍ରକୃତି ଶମ୍ଭାରେ କାକଳୀ ସଂଗୀତ
ଭାସି ଆସେ ସମୀରଣେ
ଗୁଞ୍ଜରିତ ହୁଏ ପ୍ରୀତିମୟ ଛନ୍ଦ
ଆମୋଦିତ ମନ ପ୍ରାଣେ ।

କଳ୍ପନା କଳାର ଚାରୁ କଳାମଣୀ
ଚକ୍ଷୁରେ କରଇ ଘର
କି ସୁନ୍ଦର ସେହି ଟିକି ରେଳଯାତ୍ରା
ଲାଗେ କାବ୍ୟ ମଧୁପୁର ।

ଲେଖିବାକୁ ନାହିଁ ଭାଷା ମୋର ପାଶେ
ଭବ୍ୟ ଚାରୁ ଗୋରୀ ପାଇଁ
ଲେଖୁଛି ଦି ପଦ ଟିକି ଲେଖନୀରୁ
ବାକ୍ୟଦେବୀ ଆଜ୍ଞା ନେଇ ।

♥ ଅଠରବାଟିଆ,
ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ଅଛି ମୁଁ ଭିତରେ
### ଡ଼ା. ବିଜୟ କୁମାର ପାତ୍ର



ଆସ ପୁଣି ବସିଯିବା
ଛାଇର ଦୂରତା ମାପି
ଛୋଟ ଗଛ ତଳେ,
ଭାଷାଶୂନ୍ୟ ଶବ୍ଦହୀନ
କଥା କିଛି ହେବା,
ପୁଣି ଏକ ସଞ୍ଜ ନଇଁ ଯିବ
ଛାଇଗୁଡ଼ା ଅପସରି ଯିବେ,
ଯେଝା ଯେଝା ବାଟେ ।
କହିନି ତ ମନ କଥା
କାହା ଆଗେ ମୁଁ,
ନିଶ୍ୱାସକୁ ଚାପି ଚାପି
କେତେ ମୁଁ ଜଗିଛି,
କାଳେ କିଛି କହିଦେବ ବୋଲି,
ତଥାପି ବି ବଦନାମ !
ହଁ ଦିନେ......
ନିରୋଳାରେ 'ଆହା 'କହିଥିଲି
ତୁମେ ଟିକେ ଝୁଣ୍ଟିଥିଲ ବୋଲି.... ।
ଜହ୍ନକୁ ମୁଁ ଦେଇଥିଲି ରାଣ
ଏ ରାସ୍ତାରେ ନ ଆସିବା ପାଇଁ
ତମ ଘର ଡେଇଁ,
ଲେଖନୀକୁ ରଖିଥିଲି ସୁପ୍ତ
ଧାଡ଼ିଟିଏ ନ ଲେଖିବା ପାଇଁ,
ସେଦିନର ଭଅଁରଟା
ଧୋକାବାଜ ଥିଲା,
କହିଦେଲା ସାହି ପଡ଼ିଶାରେ ।
ନିରବ ଯନ୍ତ୍ରଣା ବେଳେ
ସ୍ପନ୍ଦନର ଗତି,
କେତେଯେ ଆଲୋକବର୍ଷ
ଅତିକ୍ରାନ୍ତ କରେ,
ଝିଟିପିଟି ଶବ୍ଦରେ ଭାଙ୍ଗିଯାଏ ସ୍ୱପ୍ନ,
ଜଣାପଡେ କେହି ଜଣେ
ଡାକୁଥିଲା ଅତି ନିକଟରୁ,
ମିଛେ କିଆଁ ଗଲ ଏଡେବାଟ
ଜାଣିକି ପାରୁନ ?
କେବେ ଠାରୁ 'ଅଛି ମୁଁ ଭିତରେ' ।


♥ ଚୌଦ୍ୱାର, କଟକ
ମୋ: ୭୦୦୮୬୧୭୯୧୨


## ହେ ବିଜୟାନନ୍ଦ
### ଭରତ ଚନ୍ଦ୍ର ଦାଶ



ସୁଦୀର୍ଘ ଚେହେରା
ଅଦମନୀୟ ବ୍ୟକ୍ତିତ୍ୱ
ପୁରୁଷ ସିଂହ
ହେ ବିଜୟାନନ୍ଦ !

ପରାଜୟର ଗ୍ଲାନିରେ
ବିଜୟର ଉଲ୍ଲାସରେ
ନିର୍ବିକାର ତୁମେ
ସ୍ଥିତପ୍ରଜ୍ଞ କର୍ମବୀର
ତ୍ୟାଗ ତିତିକ୍ଷାର
କଳ୍ପବଟ ସମ
ଦଣ୍ଡାୟମାନ ଓଡିଶାର
ପବିତ୍ର ମାଟିରେ ।
ଅସମ୍ଭବ ଶବ୍ଦ
କାପୁରୁଷପଣିଆର ଗାଥା
ଶୂନ୍ୟ ଏଠି ଜୀବନର
ଭାଷାକୋଷ ପରେ ।
ମା' ମାଟି ଓ ମଣିଷ
ଉତଥାନର ସ୍ୱପ୍ନ
ପ୍ରତିଭାତ ପ୍ରତିକ୍ଷଣ
ଜୀବନର ସ୍ୱଚ୍ଛ ଦର୍ପଣରେ ।

ଦେଶପ୍ରେମ ଜାତିପ୍ରୀତି
ମାତୃଭୂମି ମାତୃଭାଷାର ଉନ୍ନତି
ଯା' ହୃଦୟେ
ପ୍ରଜ୍ୱଳିତ ବହ୍ନି ସମ
ଜଳୁଥାଏ ନିତି
ବିଜୁବାବୁ , ବିଜୟାନନ୍ଦ
ବିଜୟର ସେ ଅମ୍ଳାନ ଜ୍ୟୋତି ।
ଏ ମାଟିର
ପ୍ରତିକୋଣ ଅନୁକୋଣେ
ଦେଶରୁ ଦେଶାନ୍ତର ଯାଏ
ଯା'ର ପଦଚିହ୍ନ ଗାନକରେ
ବୀରତ୍ୱର ବାର୍ତ୍ତା
ଇତିହାସ ପୃଷ୍ଠାପରେ
ସ୍ୱର୍ଣ୍ଣାକ୍ଷରେ ଲେଖାଯା'ର
କାଳଜୟୀ ଗାଥା
କାଳଜୟୀ ମୃତ୍ୟୁଞ୍ଜୟୀ
ଏ ମାଟିର ଗର୍ବ ଓ ଗୌରବ
ଉତ୍କଳ ସନ୍ତାନ ସେ ଯେ ସ୍ୱାଭିମାନୀ
ଏ ମାଟିର ଦୁର୍ଲଭ ବୈଭବ ।

ସମୟ ନେଇଛି ଯା'ରେ
ଦେଇ ଶିରେ ବିଜୟର
ଅକ୍ଷୟ ତିଳକ
ଶମନ ହାରିଛି ନିଷ୍ଠେ
ଦେଖି ଦୁଃସାହସ
କର୍ମ ପ୍ରବଣତା
ନାହିଁ ରକ୍ତ ମାଂସ ଅସ୍ଥି
କୀର୍ତ୍ତିସ୍ତମ୍ଭେ ଯଶ
ତୁମ ହୁଏ ଦୃଶ୍ୟମାନ ।

ବାର୍ଦ୍ଧକ୍ୟର ପ୍ରଜ୍ଞା ତୁମେ
ତୁମେ ଯୌବନର ଶକ୍ତି
ଘେନ ଆମ ହୃଦୟର
ଅମଳିନ ଅନାବିଳ ଭକ୍ତି ।


♥ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା,
ବାଲେଶ୍ୱର - ୭୫୬ ୧୨୬
ମୋ: ୯୪୩୭୩ ୭୨୧୬୬


## କମଳ ଦେଶ ରାଜକୁମାର
### ସୁରଞ୍ଜନ ପାତ୍ର



ଲକ୍ଷେ ରାଜାଙ୍କର ମଉଡ଼ମଣି ସେ କୋଟି ଓଡିଆଙ୍କ ପ୍ରିୟ
କମଳ ଦେଶର ରାଜକୁମାର ସେ ପୁଷ୍ପଧନୁର ମୋହ
ଏ ମାଟି ବୈକୁଣ୍ଠେ ସ୍ୱର ସିଂହାସନେ ସେ ଏକା ଛତ୍ରପତି
ନିର୍ଜନ ବେଳାରେ ତାଙ୍କ ଅଭିସାରେ ଗୀତ ଗାଏ ଜହ୍ନରାତି ।

ଚନ୍ଦନମୟ ଜୀବନକୁ କେବେ ପାରେ କି ମୃତ୍ୟୁ ବରି
କେତେ ରାଜଜେମା ସ୍ୱୟମ୍ବରେ ତାଙ୍କୁ ଆଜି ବି ହୁଅନ୍ତି ଝୁରି
ଅନେକ ବିମୁଗ୍ଧ ସପନରେ ସିଏ ମିଠାମିଠା ଆଲୋଡ଼ନ
ସରଗର ପରୀ ବିନା ଦ୍ୱିଧେ ଆସି ସମର୍ପଇ ତାଙ୍କୁ ମନ ।

କିଏ କହେ ସିଏ ମାଟିର କୋଳରେ ଚିର ନିଦ୍ରେ ଶୋଇଛନ୍ତି
ରାଜ ଯୋଟକର ଜାତକ ମେଳକ ହେଇ ଦେଖ ଗୁନ୍ଥୁଛନ୍ତି
କେତେ ଯେ ରସିକ କେତେ ଆଶାବାଦୀ କେତେ ସେ ଭାବର ପାତ୍ର
ନିଜ ଇଚ୍ଛାରେ ସାମ୍ରାଜ୍ୟର ତଳେ ତୋଳିଛନ୍ତି ପ୍ରୀତି କ୍ଷେତ୍ର ।

ଯେତେ ଦିନ ଥିବେ ଚନ୍ଦ୍ର ସୂର୍ଯ୍ୟ ତାରା ଥିବେ ରାଜା ଚନ୍ଦ୍ରଭାନୁ
ପ୍ରତିଟି ସକାଳ ନିଦ ଭାଙ୍ଗୁଥିବ ଗୀତ ତାଙ୍କ ଶୁଣୁଶୁଣୁ ।


♥ ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର ବାଲେଶ୍ୱର - ୭୫୬୦୪୫
ମୋ - ୮୧୧୭୮୦୫୯୫୯




## ଚାଲ ଆମେ ଲେଖିବା କବିତା
### ସ୍ମିତା ପଣ୍ଡା

ଚାଲ ଆମେ
ଲେଖିବା ଗୋଟେ କବିତା
ସାଥୀ ହୋଇ
ଉପରେ ଗୋଟେ ଶୀର୍ଷକ ଦେବା
ତଳେ ଦୁହେଁ ଦୁହିଁଙ୍କର
ନାଁ ଲେଖିଦେବା
ଭିତରେ ସଜାଡ଼ି ନେବା
ପରସ୍ପରର ଭବନା ମାନଙ୍କୁ ।

ଆମର ଭାବନା ମାନଙ୍କୁ
ମୁକ୍ତ କରିଦେବା
ଶବ୍ଦ ମାନଙ୍କୁ
ସଜାଡ଼ି ସଜାଡ଼ି ରଖିବା
କିଛି କିଛି ଧାଡ଼ି ମାନଙ୍କୁ
ଫୋପାଡ଼ି ବି ଦେବା
କେହି କାହାକୁ ସ୍ପର୍ଶ କରିବାନି
କିନ୍ତୁ ଭଲ ପାଇବା ।

ତମକୁ କହିବାକୁ ପଡ଼ିବନି
କାହା ପାଇଁ ଲେଖୁଛ
ମତେ ଜଣେଇବାକୁ ପଡ଼ିବନି
କେଉଁଠୁ ପ୍ରେରଣା ପାଉଛି
ଯୁଗଳବନ୍ଦୀ ବଂଶୀ ସ୍ୱର ଭଳି
କବିତାରେ ଆମେ ଖାଲି
ଏକାଠି ହୋଇ ରହିବା ।


♥ ପାଇକପଡ଼ାପାଟଣା
ନରସିଂପୁର, ଜି କଟକ
ମୋ: ୯୮୬୧୪୮୧୯୨୧


## ପତ୍ର ଝଡ଼ା ଋତୁ
### ଜିନାତମାମ୍ ଦର୍ଜୀ



ବେଳେବେଳେ ଆକାଶ ସହ ଆଖି ମିଶେଇ ଛିଡା ହୁଏ
ଛାତି ଚିପୁଡ଼ି ହୋଇ ଯାଏ,
ଆଖି ଦେଇ ବହି ଯାଏ ସବୁ ଦୁର୍ବଳତା.....

ପତ୍ରଝଡ଼ା ଋତୁ ମତେ ଗୋଟିଏ ଶୂନ୍ୟସ୍ଥାନ ଭଳି ଆଭାସ ହୁଏ
ପତ୍ର ଝାଡୁଥିବା ବୁଢ଼ା ଗଛକୁ ପଚାରେ,
'ନୂଆଁ ପତ୍ର ଆସିବ କି ନା ସମ୍ଭାବନାର ଗାଢ଼ ସବୁଜ ରଙ୍ଗ ମାଖି ?'
କିଛି କହେନି ଗଛ ବୁଢା,
ଖାଲି ମୁହଁ ବୁଲେଇ ଝାଡ଼ି ଦିଏ ଆଉ କିଛି ହଳଦିଆ ପତ୍ର
ମୋ ଆଖିରୁ ପଲକ ପଡେ,
ଛାତିରୁ ହୃଦୟଟା ଖସିପଡ଼େ କେଉଁ ଅତଳ ତଳକୁ....

ସେ ପ୍ରଶ୍ନ ଗୁଡିକୁ ମୁଁ ଫୋପାଡ଼ି ଦିଏ ପୁଣି ଥରେ
ସମୟର ଖଜୁରୀ ଗଛକୁ
ଯେଉଁଠି ଦୋହଲୁ ଥାଏ
ବର୍ତ୍ତମାନ ଓ ଅତୀତର
ବାଇ ଚଢ଼େଇ ବସା
ଅନତି ଦୂରରୁ ଗୁମୁରି ଉଠେ କପୋତୀ ଟିଏ...

ମୁଁ ପର୍ବତ ଆଡକୁ ପିଠି କରି
ସେରସୁଆଁ ଗଛ ତଳେ ଆଣ୍ଠେଇ ବସେ
ଜୀବନକୁ କହେ,
'ଜୀବନରେ, ମୁଁ ଟିକେ ଥକି ଯାଇଛି..'
ଜନ୍ମରୁ ଭୋଗୁଛି ଉଆଁସୀ କନ୍ୟା ହେବାର ଯନ୍ତ୍ରଣା
ସାତ ଦଶନ୍ଧି ପରେ ବି ବିତେନା ମୋର ଶନିସପ୍ତା
ଆୟୁଷ ତକ ଚିରକାଳ ଭୋଗେ, ପରାଗର ଭାଗ୍ୟ

ଶେଷ ଥର କେବେ ଅନୁଭବିଥିଲି
ସେଇ ପୁବେଇ ପବନ ,ଟିମୁଟାଏ କଅଁଳ ଖରା,
ଆତ୍ମସ୍ଥ କରିଥିଲି ବହଳ ବାସ୍ନା,
ଶୀତେଇ ଥିଲି ବର୍ଷା ଟୋପାର ସ୍ପର୍ଶରେ
ଆଉ ମୋର ମନେ ନାହିଁ ।

ଏ ପତ୍ର ଝଡ଼ା ଋତୁ ବି ଠିକ୍ ମୋ ଜୀବନ ପରି ନା ?


♥ ମୋ: ୮୦୧୮୮୦୭୧୫୩




## ଡାକିଲାଣି ବଡ଼ଦାଣ୍ଡ
### ଜୟନ୍ତ କୁମାର ମଲ୍ଲିକ୍

ବଡ଼ ଦେଉଳକୁ ଯାଇ ପାରୁନାହିଁ
ଦେଖି ପାରୁନାହିଁ ତୋତେ
କହିବୁକି ଜଗା କେମିତି ଯିବି ମୁଁ
ଡୋରି କି ଲାଗିବ ସତେ ।

ଅନେକ ଦିନରୁ ମାନସିକ ଅଛି
ପାରୁନି ପୂରଣ କରି
ସବୁବେଳେ ମୁଁ ତୋତେ ଭାବି ଭାବି
ଆସୁଛି ଲୋତକ ଝରି ।

ଥରେ ଦେଖିଦେଲେ ପେଟ ପୂରିଯିବ
ଲିଭିଯିବ ସବୁ ଦୁଃଖ
ମୋ ମନ କାମନା ପୂରଣ ହୋଇଲେ
ମିଳିବ ମୋତେରେ ସୁଖ ।

ଯିବାପାଇଁ ମନ ବ୍ୟାକୁଳ ହେଲାଣି
ଡାକିଲାଣି ବଡ଼ଦାଣ୍ଡ
ଅଳପ ଖାଇଲେ ପେଟ ପୁରିଯାଏ
ତୋହରି ଅବଢ଼ା ଭାଣ୍ଡ ।

ଗୁହାରି କରୁଛି ଶୁଣିବକି ଥରେ
ମୋହରି କରୁଣ ଡାକ
ତୁମ କଥା ବସି ଭାବିଲା ବେଳକୁ
ଭୁଲିଯାଏ ଶୋଷ ଭୋକ ।


♥ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭




## ଜୀବନ ସ୍ତୁତି
### ଡ. ମନୋରଞ୍ଜନ ବିଷୋୟୀ

ବେଳେବେଳେ
ଇଚ୍ଛା ହୁଏ
ନିଜକୁ ନିଜେ
ବନ୍ଦି କରିବାକୁ
ନିବୁଜ ଶବ୍ଦ ଭିତରେ ।

ନିଜକୁ ନିଜେ
ଫାଶୀ ଖୁଣ୍ଟରେ
ଝୁଲାଇ ଦେବାକୁ
ଶବ୍ଦର ରଜ୍ଜୁରେ ।

ଆଉ ନିଜ ଠିକଣା
ହଜାଇ ଦେବାକୁ
ନିଃଶବ୍ଦ ଶବ୍ଦ ଭିତରେ ।

ତେଣୁ ତ
ନିଜକୁ ନିଜେ
ବାରମ୍ବାର ହତ୍ୟା କରେ
ଶବ୍ଦରେ ଶବ୍ଦରେ ।
ତଥାପି ବଞ୍ଚିଯାଇଛି ମୁଁ
ଶବ୍ଦଙ୍କ ଆୟୁଷ ଭିତରେ ।

ହେଲେ ମୋ ସ୍ୱପ୍ନମାନେ
କେବେଠୁ ନିଜକୁ
ଝୁଲାଇ ସାରିଛନ୍ତି
ଫାଶୀ ଖୁଣ୍ଟରେ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭


## ଅତୀତର ବାସ୍ନା
### ମମତା ବାରିକ



ଅତୀତରେ ବିତିଯାଇଥିବା ଦିନଗୁଡାକ
ମଉଳା ଫୁଲ ପରି ମନରୁ
ଝଡି ଗଲେଣି ସତ,
ହେଲେ !ତା'ର ବାସ୍ନା ଏବେ ବି
ସତେଜ ଅଛି-
ଆଇ ମାଆ କାହାଣୀର
ବାଘରୁ ପାଲଟିଥିବା ବିଲେଇ ପରି ।

ଅବଶୋଷ ମନର ରହିଛି ସତ !
ହେଲେ ସେ ଆଜି
ସମୟର ତାଳେ ତାଳେ'
ଅନ୍ତର ଭିତରେ ଦୁଃଖ ତକ ସାଇତି
ଅହରହ୍ ନୃତ୍ୟ କରୁଛି
ଅନ୍ଧ ସମାଜର ଖୋଲାମଞ୍ଚେ ।
ନିଷ୍କପଟ ମନେ ରହିଥିବା
ଉପାଦାନ ସବୁକୁ ସେ,
ଅତୀତରେ ଖରଡିଛି ସତ !
ହେଲେ ଆଉ କିଛି
ଦରସିଝା ଓ ପୋଡା ଉପାଦାନ
ତାକୁ ଜାବୁଡି ଧରିଛନ୍ତି,
ଗାଁ ଶେଷରେ ଥିବା
ପାଟ ଗଡିଆର ଭୋକିଲା ଜୋକ ପରି ।

ସେ ଅବାଞ୍ଛିତ ଭାବେ
ତା' ହୃଦୟରେ ସାଇତା ହେଇଥିବା
କିଛି ପରିଭାଷାକୁ
କିଛି ମୂହୁର୍ତ୍ତରେ,
କାହାକୁ ଅର୍ପଣ କରିଥିଲା ସତ !
ହେଲେ ସେ ବୁଝିନଥିଲା
ସେଥିପାଇଁ ତାକୁ
ସାରା ଜୀବନ
କୋଉଠି ନା କୋଉଠି
ବିଚଳିନ ଭରକୁ
କାନ୍ଧରେ କାନ୍ଧୋଇବ ବୋଲି ।
ତଥାପି ସେ ଆଜି ମୁରୁକି ହସୁଛି
କାରଣ ତା' ସ୍ୱପ୍ନ ଅସୁମାରୀ ।

ତାକୁ ଏଠି ଆଗକୁ ବଢିବାକୁ ହେବ,
ନୂଆ ଏକ ଇତିହାସ ରଚିବାକୁ ହେବ
ଯେଉଁଥିରେ କେବଳ !
ଲିପିବଦ୍ଧ ହେଇ ରହିବ
ସେ ନିମନ୍ତ୍ରଣ କରିଥିବା
ସମସ୍ତ ସମୟର କାହାଣୀ ମାନ ।


♥ ବାମଦେବପୁର, ବାରବାଟୀ
ଯାଜପୁର-୭୫୫୦୦୮


## ଜାଗି ଉଠ
### ରଶ୍ମିତା ରାଉତ



ଜାଗିଉଠ ମୋର ଓଡିଶା ବାସୀ ହେ
ଜାଗିଉଠ ଜାଗିଉଠ
ସମୟ ସୁଅରେ ଭାସିଯିବା ସର୍ବେ
ନକର ଆଉ ହେ ମଠ ।

ପୂରୁବ ଐତିହ୍ୟ ପୂରୁବ ଗୌରବ
ପୁରୁଣା ସତେ ହେଲାଣି
ପୁରୁଣାକୁ ଭୁଲି ନୂଆକୁ ଆଦରି
ପୂର୍ବ କଥା ଭୁଲିଲେଣି ।

ଆମ କୀର୍ତିସ୍ତମ୍ଭ ବାରବାଟୀ ଦୁର୍ଗ
ବୀରତ୍ୱର ଗାଥା ଗାଏ
କୋଣାରକ ଆଉ ଖଣ୍ଡଗିରି ଆମ
ଐତିହ୍ୟ ସଂସ୍କୃତି ସିଏ ।

ସୁଭାଷ, ଭଗତ, ବାଜିଆ, ସୁରେନ୍ଦ୍ର
ଭାରତ ମାତାର ପାଇଁ
ଦେଇ ବଳିଦାନ ରଖିଗଲେ ଯଶ
ରହିଲେ ଅମର ହୋଇ ।

ଜଗତର ନାଥ ପ୍ରଭୁ ଜଗନ୍ନାଥ
ଯେ ଦେଶ ବଡ ଠାକୁର
ତାଙ୍କରି ଆଶିଷେ ରହିଛେ ସନ୍ତୋଷେ
ତାଙ୍କ କରୁଣା ଅପାର ।

ଘୋର କଳିକାଳ ଘୋଟିଲାଣି ଆସି
ପାପୀ ହେଲେ ମାଳମାଳ
ଅନ୍ୟାୟ ଅନୀତି ବଢୁଅଛି ନିତି
ପ୍ରତିବାଦ କଲେ ଭୁଲ ।

ଭାଇ ଏଠି ସାଜେ ଭାଇର ବଇରୀ
ନାହିଁ ଆଉ ଶାନ୍ତି ମୈତ୍ରୀ
ଅସହ୍ୟ ଲାଗୁଛି ସହି ହେଉନାହିଁ
ଦେଖି ଲାଗେ ମନେ ଭୀତି ।

ଆସିଅଛେ ଖାଲି ଯିବା ଚାଲି ଖାଲି
ସଙ୍ଗତେ ନେବାନି କିଛି
ଏତିକି ଅବୁଝା ଏ ମଣିଷ ସତେ
ଏଇ କଥା ନବୁଝୁଛି ।

ଗଡିଯାଏ ବେଳ ଉଠହେ ସଅଳ
ଆଉ ଚେଇଁ ଶୁଅନାହିଁ
ମାତୃଭୂମି ମାତୃଭାଷାକୁ ଆମର
କେବେବି ଭୁଲିବା ନାହିଁ
ଆମେ କେବେବି ଭୁଲିବ ନାହିଁ ।


♥ କାବରା, ଢେଙ୍କାନାଳ


## ସୌଭାଗ୍ୟ
### ଅରୂପ କୁମାର ବିଶ୍ୱାଳ



ସୌଭାଗ୍ୟ ରହିଛି ମୋ ହାତ ମୁଠାରେ
ମୋ କର୍ମ ମୋହର ଗୁରୁ,
କର୍ମ ମୋର ଅଟେ ପରିଚୟ ପରା
ଦୁବରୁ ହେବି ମୁଁ ଦାରୁ ।

ସୌଭାଗ୍ୟ ମୋହର ଜନ୍ମିଛି ଏଇଠି
ପବିତ୍ର ଯେ ଏଇ ମାଟି,
ଜୀବନର ଯାହା ଆବଶ୍ୟକ ହୁଏ
ଭରିଛି ମୋ ପେଟ ପାଟି ।

ସୌଭାଗ୍ୟ ମୋହର
କୋଟି ପୁଣ୍ୟ ଫଳେ
ପାଇଅଛି ନର ଜନ୍ମ,
ପ୍ରକୃତିର ଶୋଭା ଉପଭୋଗ କରେ
ଭରିଯାଏ ମୋର ମନ
ସୌଭାଗ୍ୟ ଦୁର୍ଭାଗ୍ୟ ମଝିରେ ମୋ ଘର
ତଥାପି ମୁଁ ଭାରି ଖୁସି,
ଯାହା ମିଳିଅଛି ସେଥିରେ ଆନନ୍ଦ
ମିଳୁଥାଇ ମୋତେ ବେଶି ।

ଯେତେବେଳେ ଯାହା
ଖୋଜେ ପାଇ ଯାଏ
ଏଇତ ମୋର ସୌଭାଗ୍ୟ,
ସବୁଜିମା ଭରା ଏଇ ପୃଥିବୀରେ
ପାଇଅଛି ମୋର ଭାଗ୍ୟ
ଯାହା ମୁଁ ଖୋଜିଛି ତାହା ମୁଁ ପାଇଛି
ସେଇତ ସୌଭାଗ୍ୟ ମୋର,
ମଣିଷ ହୋଇ ମୁଁ ଜନମ ନେବାକୁ
ଇଚ୍ଛା ମୋର ବାରମ୍ବାର ।

ଭୋକ କଲେ ଖାଏ ମିଠା ମିଠା ଫଳ
ଶୋଷ କଲେ ପିଏ ପାଣି,
ସୌଭାଗ୍ୟକୁ ମୋର ମାଟି ମାଆ ପୁଣି
ପାରେ ମୋ ମନକୁ ଯାଣି ।

ସୌଭାଗ୍ୟକୁ ମୋର ଏଇ ଦୁନିଆରେ
ଥାପିଛି ନିଜର ପାଦ,
ମଥା ଟେକି ମୋର ଚାଲୁଅଛି ବାଟ
ଆସିଲେ ଆସୁ ବିପଦ ।

ନିଜ ଇଚ୍ଛାର ମୁଁ ମାଲିକ ଅଟଇ
ବିବେକରେ ଚାଲେ ମୁହିଁ,
ସୌଭାଗ୍ୟର ମୁହିଁ ଅଟଇ ବଣିକ
ଭାଗ୍ୟ ହାତଠାରେ ରହି ।

ଦୁଃଖକୁ ମଣିବି ବିଭୁଙ୍କର ଦାନ
ସୁଖ ଦୁଃଖ ଏକାପରି,
ସୌଭାଗ୍ୟ, ଦୁର୍ଭାଗ୍ୟ ରାତି ଦିନ ମୋର
ଜୀବନର ସୁଖ ଶୀରି ।


♥ ଗୋରଡ,ପାରାଦୀପ,
ଜଗତସିଂହପୁର


## ଚିହ୍ନା ଚିହ୍ନା ପରି
### ଭବାନୀ ଶଙ୍କର ନାୟକ



ଛାତ ପରେ ଖେଳେ
ଧୋବ ଫର ଫର ଖରା
ଶୂନ୍ୟରେ ମିଶେ
ଫେରିବାଲାର ତତଲା ନିଶ୍ୱାସ,
ଆମ୍ବଗଛ ତଳେ ଥକ୍କା ମାରେ
ଫିକା କଳା ଛାଇ
ଛନ୍ଦ ଭରେ
ପଳାଶର ଖିଲି ଖିଲି ହସ ।

ଦରମରା ନଳକୂଅ
ତାର ଚଢା ଭାଉ ହାକେ
ଶୁଷ୍କ ନଈ ଧାର
ତମାମ୍ ତାତିକୁ ସାଉଁଟି
ଲମ୍ବିଥାଏ ମଶାଣି ସେପାଖେ,
ପିଚୁ ରାସ୍ତା ପରେ ଯେବେ
ଦିଶେ ପାଣିର ଚହଲା
ଧୋକା ଖାଏ ବାଟୋଇର ଆଖି,
ଖରାରେ ବେପରୁଆ
ଠିଆ ହୋଇଥାଏ
ଛକ କୃଷ୍ଣଚୂଡା, ଘର ଝାଟିମାଟି,

ଅପରାହ୍ନେ ନିଶବ୍ଦ ଦିଗନ୍ତ
ଗଛ ପତ୍ରର ଗହଳି
ହଠାତ୍ ଗର୍ଜି ଉଠେ
ଧୂସର ରଙ୍ଗର ମେଘ
ଚାଷୀ ସଜାଡ଼େ ଲଙ୍ଗଳ ଜୁଆଳି ।

ସଞ୍ଜରେ ସଭା ହୁଏ
ଦୂର ପର୍ବତରେ
ସାକ୍ଷୀ ରଖି ଆଲୋକମାଳାକୁ
ଅମାରାତିର ବିସ୍ତୀର୍ଣ୍ଣ ଆକାଶେ
ତାରା ମାନେ ଜଗିଥାନ୍ତି
ସମୟ ଘାଟକୁ,
ପାହାନ୍ତି ପହରୁ
ଚେଇଁ ଯାଏ ସକାଳ
ଶୁଣି କିଚିରି ମିଚିରି,
କେବେ କେବେ
ରାତିର ସ୍ୱପ୍ନମାନେ ବି ଲାଗନ୍ତି
ଖୁବ୍ ଚିହ୍ନା ଚିହ୍ନା ପରି ।


♥ ଲାଡ଼, କୁଚିଣ୍ଡ, ସମ୍ବଲପୁର
ମୋ- ୯୯୩୮୩୪୪୬୮୧

# ମୋଦି ସରକାରଙ୍କ ଅର୍ଥନୈତିକ ସଂସ୍କାର କାରଣରୁ ଗରିବ ଲୋକମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇଛି : ବିଜେପି

ଭୁବନେଶ୍ୱର,୧୮/୦୪ (ନି.ପ୍ର): ସମାଜର ତଳସ୍ତରରେ ବାସ କରୁଥିବା ସବୁଠୁ ଗରୀବ ଲୋକ କିଭଳି ବିକାଶର ଲାଭ ପାଇପାରିବ ଏବଂ ଗରୀବଙ୍କ ଉତ୍‌ଥାନକୁ ପ୍ରାଥମିକତା ଦେଇ କେନ୍ଦ୍ରରେ ମୋଦି ସରକାର କାର୍ଯ୍ୟରତ ।୨୦୧୪ ମସିହା ପୂର୍ବରୁ ଉପା ସରକାର ସମୟରେ ଦେଶର ଅର୍ଥନୀତି ସଂପୂର୍ଣ୍ଣ ଦୁର୍ବଳ ଥିଲା । ଅନ୍ତଦ୍ୟୋୟକୁ ପ୍ରାଥମିକତା ଦେଇ ଆର୍ଥିକ ଦୁର୍ବଳ ଅନଗ୍ରସର ଲୋକମାନଙ୍କୁ ଦେଶର ଆର୍ଥିକ ଅର୍ଥନୈତିକ ବ୍ୟବସ୍ଥା ସହ ଯୋଡି ହେବା ପାଇଁ ମୋଦି ସରକାର ବହୁ ସଂସ୍କାର ଆଣିଛନ୍ତି ଏବଂ ଏହା ଦ୍ୱାରା ଗରୀବ ଲୋକମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇପାରିଛି । ବର୍ତ୍ତମାନ ବିଭିନ୍ନ ସରକାରୀ ଯୋଜନାର ଲାଭ ସିଧାସଳଖ ହିତାଧିକାରୀମାନଙ୍କ ପାଖକୁ ପହଂଚିପାରୁଛି ।ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବତ ନବେ ଦଶକରେ ଆରମ୍ଭ ହୋଇଥିବା ଅର୍ଥନୈତିକ ସଂସ୍କାରକୁ ବିଶ୍ଳେଷଣ କଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସବୁଠାରୁ ବଳିଷ୍ଠ ଅର୍ଥନୀତି ସଂସ୍କାରକ ଭାବେ ଉଭା ହେବେ । ଅନ୍ୟ ପଟେ ଯୋଜନାବଦ୍ଧ ଭାବେ ଚଂଚକତା କରି ଗରୀବଙ୍କ ଟଙ୍କାକୁ ହଡପ୍ କରିବାର ରାଜ୍ୟ ସରକାରଙ୍କ ବାରମ୍ବାର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ ଏବଂ ଗରୀବମାରଣ ନୀତିକୁ ସ୍ପଷ୍ଟ କରୁଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଜରିବାରେ ଦେଶର ୪୫କୋଟିରୁ ଅଧିକ ଗରିବ ଲୋକଙ୍କର ବ୍ୟାଙ୍କ ଆକାଉଂଟ ଖୋଲାଯାଇ ପ୍ରାୟ ୧ଲକ୍ଷ ୭୬ ହଜାର ୮୦୦ କୋଟି ଟଙ୍କା ଡିପୋଜିଟ ହୋଇଛି । ସମୁଦାୟ ଜନଧନ ଖାତାର ୫୫ ପ୍ରତିଶତ ହେଉଛନ୍ତି ମହିଳା । ଓଡିଶାରେ ୭୪ଲକ୍ଷ ୨୦ ହଜାର ୬୬୫ ପରିବାରର(୯୯.୮୫ ପ୍ରତିଶତ)ବ୍ୟାଂକ ଆକାଉଂଟ ରହିଛି ।ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବ୍ୟାଂକ ଆକାଉଂଟଧାରିଙ୍କୁ ବାର୍ଷିକ ମାତ୍ର ୧୨ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କାର ମାଗଣା ଦୁର୍ଘଟଣା ବୀମା ସୁବିଧା ଯୋଗାଇ ଦିଆଯାଉଛି ଏବଂ ବର୍ତ୍ତମାନ ସୁଦ୍ଧା ୨୮.୧୯ କୋଟି ଲୋକ ଉପକୃତ ହୋଇଛନ୍ତି । ଜନଧନ-ଆଧାର-ମୋବାଇଲକୁ ଯୋଡିବା ଫଳରେ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଛି । ଡିବିଟି କାରଣରୁ ଆର୍ଥିକ ସହାୟତା ବାଟମାରଣା ହୋଇନପାରି ସିଧାସଳଖ ବ୍ୟାଂକ ଆକାଉଂଟକୁ ଆସୁଛି ଏବଂ ଗରୀବ ଓ ବଂଚିତମାନଙ୍କ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହୋଇଛି । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ୩୩୦ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କାର ଜୀବନ ବୀମା ସୁରକ୍ଷା ମିଳୁଛି । ଅଟଳ ପେନସନ ଯୋଜନାରେ ୬୦ ବର୍ଷ ପରେ ମାସିକ ପେନସନ ଗ୍ୟାରେଂଟି ଦେଉଛି ଏବଂ ବର୍ତମମାନ ସୁଦ୍ଧା ୪ କୋଟିରୁ ଉର୍ଦ୍ଧ୍ୱ ପଂଜିକୃତ ହୋଇଛନ୍ତି । ସେହିପରି ମୁଦ୍ରା ଯୋଜାନାରେ ୩୪.୪୨କୋଟି ଋଣ ଆକାଉଂଟ ଜରିଆରେ ଉଦ୍ୟୋଗୀମାନଙ୍କୁ ୧୮.୬୦ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି ।ଉଠା ଦୋକାନୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ସହଜ ଲଘୁ-ଋଣ ଜରିଆରେ ବର୍ତ୍ତମାନ ସୁଦ୍ଧା ୩୦ଲକ୍ଷ ଉଠାଦୋକାନୀଙ୍କୁ ୩୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାରେ ଉଦ୍ୟୋଗ ପ୍ରତିଷ୍ଠା ଲାଗି ୧.୩୫ଲକ୍ଷ ଅନୁସୁଚିତ ଜାତି ଓ ଜନଜାତିବର୍ଗ ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ୧୪୫୦୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି ।ଦୀନଦୟାଲ- ଅନ୍ତଦ୍ୟୋୟ ରାଷ୍ଟ୍ରୀୟ ଜୀବିକା ମିଶନ ଯୋଜନାରେ ବର୍ତମାନ ସୁଦ୍ଧା ଦେଶର ୮.୨୪ କୋଟି ଗ୍ରାମୀଣ ମହିଳାମାନଙ୍କୁ ୭୫.୬୫ ଲକ୍ଷ ଏସଏଚଜି ଜରିଆରେ ଆର୍ଥିକ ସଶକ୍ତିକରଣ କରାଯାଇଛି ଏବଂ ଆଗାମୀ ୨୦୨୪ ମସିହା ସୁଦ୍ଧା ଏହି ସଂଖ୍ୟାକୁ ୧୦ କୋଟି କରିବା ପାଇଁ ମୋଦି ସରକାର ଲକ୍ଷ୍ୟ ରଖିଛନ୍ତି । ୨.୯୪ କୃଷକଙ୍କୁ କିଶାନ କାର୍ଡ ଜରିଆରେ ୩.୨୨ଲକ୍ଷ କୋଟି ଟଙ୍କାର କ୍ରେଡିଟ ସୁବିଧା ଯୋଗାଇ ଦିଆଯାଇଛି । ଝିଅ ପିଲାଙ୍କ ଭବିଷ୍ୟତକୁ ଧ୍ୟାନ ରଖି ସୁକନ୍ୟା ସମୃଦ୍ଧି ଯୋଜନାରେ ସର୍ବାଧିକ ସୁଧ ସହିତ ୨.୭୩ କୋଟି ଆକାଉଂଟ ଜରିଆରେ ୧.୧୯ ଲକ୍ଷ କୋଟି ଟଙ୍କାର ସଂଚିତ କରାଯାଇଛି । କେବଳ ବ୍ୟାଂକ ଜରିଆରେ ନୁହେଁ ବରଂ ଅପହଂଚଚ ଅଂଚଳରେ ପୋଷ୍ଟ ଅଫିସ ଜରିଆରେ ବ୍ୟାଂକିଂ ସୁବିଧା ଯୋଗାଇ ଦିଆଯାଉଛି ।ମୋଦି ସରକାରଙ୍କ ଆର୍ଥିକ ସଂସ୍କାର କାରଣରୁ ଦେଶର ଜିଡିପି ୧୦ ପ୍ରତିଶତରୁ ଅଧିକ ଅଛି, ରପ୍ତାନୀ ୪୦ ବିଲିୟନ ଡଲାରରେ ପହଂଚିଛି, ବିଦେଶ ପୁଂଜିନିବେଶ ବୃଦ୍ଧି ପାଇଛି । ଜିଏସଟି, ଶ୍ରମ, ବ୍ୟାଂକ, ଜମି ଓ କୃଷି କ୍ଷେତ୍ର ଇତ୍ୟାଦିର ଅର୍ଥନୀତି ଉପରେ ପରିଣାମ ସୁଦୂର ପ୍ରସାରୀ ହେବ ବୋଲି ଡ.ଲେଖାଶ୍ରୀ କହିଛନ୍ତି ।

ଅନ୍ୟ ପଟେ ଡିବିଟି କାରଣରୁ ରାଜ୍ୟ ସରକାରଙ୍କ ଚିନ୍ତା ବଢିଯାଇଛି । ଦୁର୍ନୀତିଗ୍ରସ୍ତ ଶାସକ ବିଜେଡି ଚଂଚକତା କରିକେନ୍ଦ୍ରୀୟ ଅନୁଦାନ ଅର୍ଥକୁ ହରିଲୁଟ୍ କରୁଛି ।ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ରାଜ୍ୟ ଶାସନ ଗାଦିକୁ ଜାବବୁଡି ଧରିବା ପାଇଁ ଗରିବଙ୍କ ଲୋକଙ୍କ ସରଳତାର ସୁଯୋଗ ନେଉଛନ୍ତି ।ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ଆର୍ଥିକ ସହାୟତାକୁ ନିଜ ଯୋଜନା କହି ଓଡିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ରାଜ୍ୟ ସରକାର । ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ପ୍ରତି କେଜି ଚାଉଳ ପିଛା ୨୯ ଟଙ୍କା ହିସାବରେ ସମସ୍ତ ହିତାଧିକାରଙ୍କ ଟଙ୍କା ବାବଦରେ କେନ୍ଦ୍ର ସରକାର ନିଜ ଅଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରୁଛନ୍ତି । ମାତ୍ର ରାଜ୍ୟ ସରକାର କେଜି ପ୍ରତି ୧୫ ଟଙ୍କିଆ ଚାଉଳ ଯୋଗାଇ ବଳକା ୧୫ ରୁ ୧୭ ଟଙ୍କା ହଡପ୍ କରୁଛନ୍ତି । ଏହା କେବଳ ମହାଦୁର୍ନୀତି ନୁହେ, ବରଂ ଗରୀବଲୋକଙ୍କ ପ୍ରତି ପ୍ରତାରଣା ବୋଲି ଡ.ଲେଖାଶ୍ରୀ କହିଛନ୍ତି । କେବଳ କ୍ଷମତାକୁ ଆସିବା ପାଇଁ ନୁହେଁ, ବରଂ ଗରୀବଙ୍କ ପ୍ରକୃତ ବିକାଶ ପାଇଁ ଧ୍ୟାନ ଦିଅନ୍ତୁ ରାଜ୍ୟ ସରକାର । ରାଜ୍ୟ ସରକାର ମୋଦୀ ସରକାଙ୍କ ଅର୍ଥନୈତିକ ସଂସ୍କାର ଦ୍ୱାରା କିପରି ଓଡ଼ିଶାରେ ଲୋକେ ଉପକୃତ ହେବେ ଓ ଗରିବ, ଖଟିଖିଆ ଓ ମହିଳାଙ୍କ ସମୃଦ୍ଧି ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରିବାକୁ ଡ.ଲେଖାଶ୍ରୀ କହିଛନ୍ତି ।

# ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଗ୍ରୀଷ୍ମ ଛୁଟି ବିଜ୍ଞପ୍ତି : ଘରୋଇ ସ୍କୁଲ ସମ୍ପର୍କରେ କୁହାଯାଇନି

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଗ୍ରୀଷ୍ମ ଛୁଟିରେ ଖୋଲାରହିବ ସ୍କୁଲ। ପିଲା ଆସିବେ। ପାଠ ପଢ଼ିବେ। କରୋନା ସମୟରେ ପ୍ରଭାବିତ ହୋଇଥିବା ବିଷୟଗୁଡ଼ିକୁ ପଢ଼ାଯିବ। ବ୍ରିଜ୍ କୋର୍ସ ମାଧ୍ୟମରେ ପିଲାଙ୍କ ଶିକ୍ଷଣ ଦକ୍ଷତା ବଢ଼ାଯିବ। ସକାଳ ୬ଟାରୁ ୯ଟା ଯାଏ କ୍ଲାସ ହେବ। ପିଲାମାନେ ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇବେ। ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଆଖିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଗଲେ। ନିର୍ଦ୍ଦେଶନାମା ଜାରି କରି ନାମଲେଖା ସମୟ, ନୂତନ ଶିକ୍ଷାବର୍ଷ, ପାଠପଢ଼ା ଶୈଳୀ ଆଦି ସମ୍ପର୍କରେ କୁହାଗଲା। ମାତ୍ର ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ ନା ନାହିଁ ସେ ବିଷୟରେ କେହି ବି କିଛି କହିଲେ ନାହିଁ। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କିଛି କୁହାଯାଇନି କି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ପଷ୍ଟ କରିନାହାନ୍ତି। କେବଳ ସେତିକି ନୁହେଁ, ଏହି ସମୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା କ'ଣ ହେବ ସେନେଇ ବି ସୂଚନା ଦିଆଯାଇ ନାହିଁ। ଗୋଟିଏ ପଟେ ପିଲାଙ୍କ ପାଠପଢ଼ା ନେଇ ଅଭିଭାବକ ଦ୍ୱନ୍ଦ୍ୱରେ। ଆଉ ଅନ୍ୟପଟେ ସ୍କୁଲ ସମୟ ଧାର୍ଯ୍ୟ ଏବେ ସମସ୍ତଙ୍କ ନିଦ ହଜାଇ ଦେଲାଣି। ଏତେ ସକାଳୁ ଉଠି ପିଲା ସ୍କୁଲକୁ ଆସିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଅଧାରୁ ଅଧିକ ଓଡ଼ିଶା ଏବେ ତତଲା ତାଓ୍ୱାରେ ସିଜୁଛି। ସୋନପୁର, ଝାରସୁଗୁଡ଼ା, ବଲାଙ୍ଗୀର, ଅନୁଗୁଳ ପରି ସହରର ତାପମାତ୍ରା ୪୩ ଡିଗ୍ରି ତଳକୁ ଖସୁନି। ଯେଉଁଥିପାଇଁ ଏବେଠାରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଲାଣି। କେଉଁ ବିଦ୍ୟାଳୟରେ ଉପସ୍ଥାନ ୬୦% ରହୁଛି ତ ଆଉ କେଉଁଠି ୫୦% ଟପୁଛି। ଘରୋଇ ବିଦ୍ୟାଳୟରେ ଉପସ୍ଥାନ ଗୋଟିଏ ପ୍ରକାର ଥିବା ବେଳେ ସରକାରୀ ବିଦ୍ୟାଳୟରେ ସ୍ଥିତି ଅଧିକ ସଙ୍ଗିନ। ମଧ୍ୟାହ୍ନଭୋଜନ ଖାଇବା ପାଇଁ ଯାହା କିଛି ପିଲା ବିଦ୍ୟାଳୟକୁ ଆସୁଛନ୍ତି। ନ ହେଲେ ନାହିଁ। ଗୋଟିଏ ଗୋଟିଏ କ୍ଲାସରେ ୫ରୁ କମ୍ ପିଲା ସ୍କୁଲ ଆସୁଥିବାର ଦୃଶ୍ୟ ସାମ୍ନାକୁ ଆସିଲାଣି। ଏଭଳି ସମୟରେ ସକାଳ ୬ଟାରୁ କୋମଳମତି ଶିଶୁ କିଭଳି ସ୍କୁଲ ଆସିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସବୁ ପିଲାଙ୍କ ଘର ପାଖରେ ସ୍କୁଲ ନାହିଁ। ସକାଳ ୬ଟାରେ ବିଦ୍ୟାଳୟ ଖୋଲୁଥିବାରୁ ପିଲାମାନଙ୍କୁ ପ୍ରସ୍ତୁତି ହେବାକୁ ଭୋର ସାଢ଼େ ୪ଟାରୁ ଉଠିବାକୁ ପଡ଼ିବ। ଏତେ ସକାଳୁ ଉଠି ନିତ୍ୟକର୍ମ ଶେଷ କରି ସ୍କୁଲ ବସ୍ ଧରିବା ମଧ୍ୟ କଷ୍ଟକର ହୋଇପଡ଼ିବ। ଏହାଦ୍ୱାରା ଯେ କେବଳ ପିଲା ପ୍ରଭାବିତ ହେବେ ତାହା ନୁହେଁ, ଅଭିଭାବକଙ୍କ ଉପରେ ବହୁ ପରିମାଣରେ ଚାପ ପଡ଼ିବ। ସକାଳ ୯ଟା ଭିତରେ ପିଲାଙ୍କୁ କିଭଳି ମଧ୍ୟାହ୍ନଭୋଜନ ଦିଆଯିବ ତାହାକୁ ନେଇ ବି ସନ୍ଦେହ ସୃଷ୍ଟି ହୋଇଛି। ଏହାଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଯଦି ଘରୋଇ ସ୍କୁଲ କ୍ଷେତ୍ରରେ ଏହି ନିୟମ ଲାଗୁ ହୁଏ ତେବେ ଗ୍ରୀଷ୍ମ ଛୁଟି ସମୟରେ ପିଲାଙ୍କୁ କ'ଣ ପଢ଼ାଇବେ ସେନେଇ ବି ସ୍ପଷ୍ଟ ଚିତ୍ର ପ୍ରକାଶ କରିବାକୁ ଦାବି ହୋଇଛି।

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁଁ ଉଚ୍ଚଶିକ୍ଷାନୁଷ୍ଠାନରେ ପିଲାଙ୍କ ପରୀକ୍ଷା ଘୁଞ୍ଚାଇ ଦିଆଯାଉଥିବା ବେଳେ ବିଦ୍ୟାଳୟସ୍ତରରେ ସରକାର ଶିକ୍ଷାଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ରାଜ୍ୟର ୮ ଜିଲ୍ଲାରୁ ୧୩ କରୋନା ପଜିଟିଭ ଚିହ୍ନଟ : ୨ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଗତକାଲି ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ମାତ୍ର ୮ଟି ଜିଲ୍ଲାରୁ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବଲାଙ୍ଗୀର ଜିଲ୍ଲାରୁ ୨ ଜଣ, କଟକ ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ, ସମ୍ବଲପୁର ଜିଲ୍ଲାରୁ ୩ ଜଣ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୯୩୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୬୫୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୦୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଓଡ଼ିଶା ପୁଲିସ ପକ୍ଷରୁ ଜୋରଦାର୍ ଚେକିଂ : ଧରାପଡ଼ିଲେ ୨୧୬ ମଦୁଆ ଡ୍ରାଇଭର

ଭୁବନେଶ୍ୱର,୧୮/୦୪ (ନି.ପ୍ର): ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ବଢୁଥିବାବେଳେ ଏହା ଉପରେ ରୋକ୍ ଲଗାଇବା ପାଇଁ ପରିବହନ ବିଭାଗ ଓ ଓଡ଼ିଶା ପୁଲିସ ପକ୍ଷରୁ ଜୋରଦାର୍ ଚେକିଂ ଆରମ୍ଭ ହୋଇଛି। ଶନିବାର ରାତିରେ ୩୦ଟି ଜିଲ୍ଲାରେ ଏକସଙ୍ଗେ ଚେକିଂ ହୋଇଥିବାବେଳେ ୨୬୦୦ରୁ ଅଧିକ ଡ୍ରାଇଭରଙ୍କର ନିଶ୍ୱାସ ବିଶ୍ଲେଷଣକାରୀ ପରୀକ୍ଷା ହୋଇଛି। ଏଥିରେ ୨୫୧ଜଣ ଡ୍ରାଇଭର ମଦ ପିଇ ଗାଡ଼ି ଚଳାଉଥିବାବେଳେ ଧରା ପଡ଼ିଥିବାବେଳେ ୨୧୬ ଜଣ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶ ଅନୁଯାୟୀ ୧୩୮ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ସ୍ଥଗିତ ରଖାଯାଇଛି। ଏହାସହ ମଦ ପିଇ ଗାଡ଼ି ଚଳାଉଥିବା ଅଭିଯୋଗରେ ପୁଲିସ ୨୩୨ଟି ଗାଡ଼ିକୁ ଅଟକ ରଖିଛି। ଏହି ସମସ୍ତ ମଦୁଆ ଡ୍ରାଇଭରଙ୍କ ଠାରୁ ମୋଟର ଯାନ ଅଧିନିୟମ ୧୯୮୮ (ସଂଶୋଧିତ-୨୦୧୯) ଅନୁଯାୟୀ ଜରିମାନା ଆଦାୟ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି ।ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଯେଉଁମାନେ ମଦପିଇ ଡ୍ରାଇଭିଂ କରିବାବେଳେ ପ୍ରଥମଥର ପାଇଁ ଧରାପଡ଼ିଥିବେ ସେମାନେ ୬ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଭୋଗିବେ କିମ୍ବା ୧୦ହଜାର ଟଙ୍କା ଜରିମାନା ଦେବେ। ପ୍ରଥମ ଅପରାଧର ଦୁଇବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଧରାପଡ଼ିଲେ ତାଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧୫ହଜାର ଟଙ୍କା ଜରିମାନା ଦେବେ। ଏବେ ଧରାପଡ଼ିଥିବା ମଦୁଆ ଡ୍ରାଇଭରଙ୍କ ଡକୁମେଣ୍ଟ ଯାଞ୍ଚ ହେଉଛି। ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ଅଧିକାରୀଙ୍କ କହିବାନୁଯାୟୀ,



ଆସନ୍ତା ମାସରେ ପୁଣି ଥରେ ଏହିଭଳି ସାରା ରାଜ୍ୟରେ ଅଚାନକ ଚଢ଼ଉ କରାଯିବ। ଏହି ଚେକିଂ ସମୟରେ ସବୁ ପ୍ରକାରର ଗାଡ଼ି ଯାଞ୍ଚ ହେବ। ସୂଚନାଯୋଗ୍ୟ ଯେ, ୨୦୨୦ ମସିହାରେ ମଦ ପିଇ ଗାଡ଼ି ଚଳାଇବା କାରଣରୁ ଓଡ଼ିଶାରେ ୬୪୮ଟି ସଡ଼କ ଦୁର୍ଘଟଣା ହୋଇଥିଲା। ଏଥିରେ ୨୯୮ଜଣଙ୍କର ମୃତ୍ୟୁ ହୋଇଛି।

# ରାଜ୍ୟରେ ପ୍ରଥମଥର ଲାଗି ଯକ୍ଷ୍ମା ରୋଗର ଜିନୋମ ସିକ୍ୱେନ୍ସିଂ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ରାଜ୍ୟରେ ପ୍ରଥମଥର ଲାଗି ଯକ୍ଷ୍ମାରୋଗର ଜିନୋମ ସିକ୍ୱେନ୍ସିଂ କରାଯାଇଛି। ଆରଏମ୍ଆରସି ସହାୟତାରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲଏସ୍)ରେ ଏହି ସିକ୍ୱେନ୍ସିଂ ହୋଇଛି। ଯକ୍ଷ୍ମାରୋଗର ଜିନୋମ ସିକ୍ୱେନ୍ସିଂ ଫଳରେ ଡ୍ରଗ୍ ରେଜିଷ୍ଟାଣ୍ଟ ଟିବିର ପୂର୍ବାନୁମାନ ସହିତ ଉତ୍ତମ ଚିକିତ୍ସା କ୍ଷେତ୍ରରେ ଏହା ବେଶ୍ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଏହା ପୂର୍ବରୁ ଆଇଏଲଏସ୍‌ରେ କରୋନାର ଏକାଧିକର ଜିନୋମ ସିକ୍ୱେନ୍ସିଂ କରାଯାଇଛି। ଯକ୍ଷ୍ମାର ନିରାକରଣ କ୍ଷେତ୍ରରେ ଡ୍ରଗ୍ ରେଜିଷ୍ଟାଣ୍ଟ ଟିବି(ଏମ୍‌ଡିଆର) ଓ ଏକ୍ସଟେନ୍‌ସିଭି ଡ୍ରଗ୍ ରେଜିଷ୍ଟାଣ୍ଟ ଟିବି(ଏକ୍ସଡିଆର-ଟିବି) ଏକ ପ୍ରମୁଖ ବାଧକ ରହିଆସିଛି। ଏଥିରେ ସଫଳତା ହାର ୫୪ ଓ ୩୦ ପ୍ରତିଶତ ରହିଛି। ଯକ୍ଷ୍ମା ରୋଗର ଚିହ୍ନଟ ପାଇଁ ମୁଖ୍ୟତଃ କଲଚର ପରୀକ୍ଷା(୩-୬ ସପ୍ତାହ) କରାଯାଇଥାଏ। ତେବେ କେଉଁ ମ୍ୟୁଟେସନ୍ ପାଇଁ ଏମ୍‌ଡିଆର ଭଳି ସ୍ଥିତି ଉପୁଜୁଛି ତାହା ମଲେକ୍ୟୁଲାର ଡାଏଗ୍ନୋଷ୍ଟିକ୍‌ରେ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ତେବେ ଆଇଏଲଏସ୍-ଆରଏମ୍ଆରସି ପକ୍ଷରୁ ହୋଇଥିବା ଏହି ଗବେଷଣା ରୋଗର ଜିନ୍‌ଗତ ବିବିଧତା, ସଂକ୍ରମଣ ଢାଞ୍ଚା ଓ ଡ୍ରଗ୍ ରେଜିଷ୍ଟାଣ୍ଟ ଦିଗରେ ନୂତନ ଆଶାର ସଂଚାର କରିବ ବୋଲି ଆଶା କରାଯାଉଛି। ନିକଟରେ ୧୧୮ଟି ଏମ୍‌ଡିଆର ଯକ୍ଷ୍ମାର ଜିନୋମ ସିକ୍ୱେନ୍ସିଂ କରାଯାଇଥିଲା। ଏଥିରେ ଓଡ଼ିଶା, ସିକ୍କିମ୍ ଓ ମେଘାଳୟରୁ ୧୧୧ଟି ନମୁନା ଥିବା ବେଳେ ୭ଟି ଫଲୋ-ଅପ୍ ନମୁନା ରହିଥିଲା। ଓଡ଼ିଶାରୁ ସଂଗୃହୀତ ୪୮ଟି ନମୁନାରୁ ୩୯ଟି ଔଷଧ ସମ୍ବେଦନଶୀଳ, ୨ଟି ମନୋ ରେଜିଷ୍ଟାଣ୍ଟ ଓ ବଳକା ୭ଟି ନମୁନା ଏମ୍‌ଡିଆର ରହିଥିଲା। ଏଥିରେ ୫୭ଜଣ ପୁରୁଷ ଓ ୪୪ଜଣ ମହିଳା ରହିଛନ୍ତି। ଓଡ଼ିଶାରୁ ଅଧିକାଂଶ ଔଷଧ ସମ୍ବେଦନଶୀଳ ନମୁନା ଥିବା ବେଳେ ଉତ୍ତର-ପୂର୍ବ ରାଜ୍ୟମାନଙ୍କରୁ ଅଧିକାଂଶ ଏମ୍‌ଡିଆର ଓ ଏକ୍ସଡିଆର-ଟିବି ନମୁନା ରହିଥିଲା। ଏଥିରେ ମୋଟ ୧୨,୯୨୬ ଉଚ୍ଚ-ଗୁଣ ଥିବା ଏକକ ନ୍ୟୁକ୍ଲୋଓଟାଇଡ ପ୍ରଜାତି ଚିହ୍ନଟ କରିଥିବା ବେଳେ ଓଡ଼ିଶା ଓ ଉତ୍ତର-ପୂର୍ବ ରାଜ୍ୟମାନଙ୍କ ଭିତରେ ବ୍ୟାକ୍ଟେରିଆର ଲିନିଏଜ୍‌ରେ ବ୍ୟାପକ ଫରକ୍ ରହିଥିବା ଜାଣିବାକୁ ପାଇଛନ୍ତି। ଓଡ଼ିଶାରେ ପ୍ରାୟତଃ ଲିନିଏଜ୍-୧ ବା ଇଣ୍ଡୋ ଓସେନିକ୍, ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ବେଜିଂ ଲିନିଏଜ୍ ପ୍ରଭାବ ବିସ୍ତାର କରିଥିବା ନଜରକୁ ଆସିଛି। ଏହାସହ ଓଡ଼ିଶାରେ ଲିନିଏଜ୍-୩ ବା ମଧ୍ୟ ଏସିଆ ଲିନିଏଜ୍ ଚିହ୍ନଟ କରାଯାଇଛି। ସେହିପରି ଦକ୍ଷିଣ ଓଡ଼ିଶାରେ ଇଣ୍ଡୋ ଓସେନିକ୍ ଓ ମଧ୍ୟ ଓ ପୂର୍ବ ଓଡ଼ିଶାରେ ପ୍ରାୟତଃ ସବୁ ଲିନିଏଜ୍ ଚିହ୍ନଟ ହୋଇଥିବା ଆଇଏଲଏସ୍ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟରେ ଡ୍ରଗ୍ ରେଜିଷ୍ଟାଣ୍ଟ ଯକ୍ଷ୍ମା ହାର ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି। ଆବଶ୍ୟକ ଚିକିତ୍ସା ସୁବିଧା, ଦୁର୍ବଳ ଜୀବନଶୈଳୀ ପାଇଁ ଲୋକମାନେ ଏହି ରୋଗରେ ଶିକାର ହେଉଥିବା ଗବେଷଣାରେ କୁହାଯାଇଛି। ଯକ୍ଷ୍ମା ରୋଗର ଚିହ୍ନଟ ପାଇଁ କମ୍ ମୂଲ୍ୟରେ ପରୀକ୍ଷା ସୁବିଧା ପ୍ରଦାନରେ ଏହି ଜିନୋମ ସିକ୍ୱେନ୍ସିଂ ସହାୟକ ହୋଇପାରିବ। କମ୍ ସମୟ ଭିତରେ ରୋଗୀଙ୍କର ସଂଗୃହୀତ ନମୁନାରୁ ଡ୍ରଗ୍ ରେଜିଷ୍ଟାଣ୍ଟ ଯକ୍ଷ୍ମାକୁ ଚିହ୍ନଟ କରିବାରେ ସିକ୍ୱେନ୍ସିଂ ଏକ ପ୍ରମୁଖ ଅସ୍ତ୍ର ହୋଇପାରିବ ବୋଲି ଗବେଷକମାନେ ଆଶାବ୍ୟକ୍ତ କରିଛନ୍ତି।

## ବିତ୍ତୀୟ ସମାବେଶ ଗୌରବ ଦିବସ

# ଡିବିଟି କାରଣରୁ ଗରିବଶ୍ରେଣୀ ସର୍ବାଧିକ ଲାଭାନ୍ୱିତ : ସମୀର ମହାନ୍ତି

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ରାଜ୍ୟରେ ସାଧାରଣ ଗରିବ, ଦିନ ମଜୁରିଆ, ଅଶିକ୍ଷିତ, ଦଳିତ ବର୍ଗ ଓ ମହିଳାମାନଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, କୋଠାବାଡି ନିର୍ମାଣ ଶ୍ରମିକ, ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା , ଜନନୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାମାନ ଆରମ୍ଭ କରିଛନ୍ତି । ଏହି ଯୋଜନାର ସୁଫଳ ସାଧାରଣ ଲୋକେ ପାଇବା ସହିତ ତାଙ୍କ ଆର୍ଥୀକ ଅଭିବୃଦ୍ଧି ପାଇଁ ମୋଦି ସରକାର କାର୍ଯ୍ୟରତ । ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଓଡିଶାର ୭୪ଲକ୍ଷ ୨୦ ହଜାର ୬୬୫ ପରିବାର ସାମିଲ ହୋଇ ସିଧାସଳଖ ଭାବେ କେନ୍ଦ୍ରୀୟ ଆର୍ଥିକ ସହାୟତାରେ ଲାଭବାନ ହେଉଛନ୍ତି । ଏଥି ସହ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଉପକୃତ ହେଉଛନ୍ତି । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଉଦ୍ୟୋଗୀମାନଙ୍କୁ ଋଣ ଯୋଗାଇ ଦେବା ମୋଦି ସରକାରଙ୍କ ଆର୍ଥିକ ପଛୁଆ ବର୍ଗଙ୍କ ବିକାଶ ପାଇଁ ଅନ୍ୟ ଏକ ପ୍ରମୁଖ ପ୍ରତିବଦ୍ଧତା । ଏହା ବ୍ୟତୀତ ଷ୍ଟାଣ୍ଡ ଅଫ ଇଣ୍ଡିଆ ଯୋଜନା ଜରିଆରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଏସସି / ଏସଟି ଏବଂ ମହିଳାବର୍ଗଙ୍କ ପାଇଁ ୧୪୫୦୦ କୋଟି ଟଙ୍କାର ଋଣ ଯୋଗାଇ ଦେଇଛନ୍ତି ମୋଦି ସରକାର । ଡିବିଟି ଜରିଆରେ ଗରୀବଙ୍କ ବ୍ୟାଂକ ଆକାଉଂଟକୁ ସିଧାସଳଖ ଭାବେ କେନ୍ଦ୍ରୀୟ ଆର୍ଥିକ ସହାୟତା ଆସୁଥିବାରୁ ବାଟମାରଣା ଉପରେ ରୋକ ଲଗାଯାଇପାରିଛି ଏବଂ ଗରୀବଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ବାସ୍ତବ କ୍ଷେତ୍ରରେ ସଠିକ କାର୍ଯ୍ୟାନ୍ୱୟନର ସମୀକ୍ଷା ଏବଂ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପାଳିତ ହେଉଥିବା ସାମାଜିକ ନ୍ୟାୟ ପକ୍ଷ ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ବିତୀୟ ସମାବେଶରେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ମହାନ୍ତି ଭୁବନେଶ୍ୱରର କପିଳପ୍ରସାଦ ଏବଂ ସୁନ୍ଦରପଦା ଅଂଚଳବାସୀଙ୍କୁ ଜନଧନ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା, ମୁଦ୍ରା ଯୋଜନା, ଷ୍ଟାଣ୍ଡ ଅଫ ଇଣ୍ଡିଆ ଯୋଜନା ହିତାଧିକାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏଥି ସହିତ ସ୍ଥାନୀୟ ଅଂଚଳରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, କର୍ପୋରେଟର ମଧୁସ୍ମିତା ପ୍ରଧାନ, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଲିଙ୍ଗିପୁର ଏଟିଏମ ଲୁଟ୍ ଘଟଣାରେ ପୋଲିସ ୨ ଲୁଟେରାଙ୍କୁ ନେଇ କ୍ରାଇମସିନ୍ ରିକ୍ରିଏସନ କଲା

ଭୁବନେଶ୍ୱର ,୧୮/୦୪ (ନି.ପ୍ର): ପୋଲିସ ରବିବାର ଦିନ ଭୁବନେଶ୍ୱର ଲିଙ୍ଗିପୁର ଏଟିଏମ ଲୁଟ୍ ଘଟଣାରେ କ୍ରାଇମ୍ ସିନ୍ ରିକ୍ରିଏଟ କରିଛି । ଗିରଫ କରିଥିବା ୨ ଲୁଟେରାଙ୍କୁ ନେଇ ପୋଲିସ ଲୁଟର ଡେମୋ କରିଛି । ପୋଲିସ ଏଟିଏମ୍ ସ୍କୁଲ, ଶିଶୁଭବନ, ଲିଙ୍ଗିପୁର ପେଟ୍ରୋଲ ପମ୍ପ, ଦୟାନଦୀ କୂଳକୁ ନେଇ ଡେମୋ କରିଥିବା ଜଣା ପଡିଛି । ଏଟିଏମ୍ ଭାଙ୍ଗିଥିବା ସ୍ଥାନରୁ ଶାବଳ, ହାମର, ସ୍କ୍ରୁ ଡାଇଭର ମିଳିଛି । ଏହି ମାମଲାରେ ୨ ଲୁଟେରାଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ପୋଲିସ ୭ ଦିନ ରିମାଣ୍ଡ ଆବେଦନ କରିବ ବୋଲି ସୂଚନା ମିଳିଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତକାଲି ୨ ଅନ୍ତର୍ଜାତୀୟ ଲୁଟେରାଙ୍କୁ ପୋଲିସ ଗିରଫ କରିଥିଲା । ଟଙ୍କା ଲୁଟ କରି କୋରିୟରରେ ବାଂଲାଦେଶ ପଠାଉଥିଲେ ଏହି ଲୁଟେରା । ସେମାନେ ଏଟିଏମ ଲୁଟ କରି ଭୁବନେଶ୍ୱରରୁ ବସ୍ ଯୋଗେ ବିଶାଖାପାଟନମ୍ ଦେଇ ବାଙ୍ଗାଲୋର ଖସି ପଳାଇଥିଲେ । ଏହି ଗ୍ୟାଙ୍ଗ ବାଙ୍ଗାଲୋରର ଏକ ଏଟିଏମକୁ ଟାର୍ଗେଟ କରୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା ।

# ଭାରତୀୟ ଭ୍ରଷ୍ଟାଚାର ନିବାରଣ କମିଟିର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଭାରତୀୟ ଭ୍ରଷ୍ଟାଚାର ନିବାରଣ କମିଟିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରସ୍ଥିତ ପାଇକନଗରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷତା କରି କମିଟିର ରାଜ୍ୟ ସଭାପତି ଅଧିବକ୍ତା କିଶୋର ଚନ୍ଦ୍ର କର କିହଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଦୁର୍ନୀତିର ଚେର ବଢୁଥିବାରୁ ଦେଶର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବାଧକ ସାଜୁଛି । ତେଣୁ କମିଟି ତାର କାର୍ଯ୍ୟ ସଞ୍ଚାଳନକୁ ପ୍ରଭାବୀ କରିପାରିଲେ ଦୁର୍ନୀତି ନିବାରଣ ଆନ୍ଦୋଳନ ଅଗ୍ରସର ହୋଇପାରିବ । କମିଟିର ସାଧାରଣ ସମ୍ପାଦକ ଇଂ ବିପିନ ବିହାରୀ ନାୟକ, ସାଂଗଠନିକ ଦୃଷ୍ଟିରୁ ଦୃଢ ହେବା ସହ ଜନମତ ଆଲୋଡ଼ନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ପାଦକ ତଥା କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର ଦଳର ସଦସ୍ୟତା ବୃଦ୍ଧି କରିବା ସହ ପ୍ରତ୍ୟେକ ଜିଲ୍ଲାର ସମଭାବାପନ୍ନ ଲୋକମାନଙ୍କୁ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଥିଲେ । କମିଟିର ଜନସମ୍ପର୍କ ସମ୍ପାଦକ ଗୋଲକ ବିହାରୀ ସିଂହ ଦୁର୍ନୀତି ସମ୍ବନ୍ଧୀୟ ଆଇନ୍ ତଥା କାର୍ଯ୍ୟ ପରିସର ଉପରେ ଆଲୋଚନା କରିଥିଲେ । କମିଟିର ଉପସଭାପତି ଡଃ ସୂର୍ଯ୍ୟ ନାରାୟଣ ରଥ ପ୍ରସ୍ତାବ ରଖିଥିଲେ ଯେ, ଲୋକଲୋଚନକୁ ଆସୁଥିବା ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ସଠିକ୍ ଭାବରେ ଅନୁସନ୍ଧାନ କରିବା ପାଇଁ କମିଟିର ସଦସ୍ୟବୃନ୍ଦ ପ୍ରଭାବିତ ସ୍ଥାନକୁ ଗସ୍ତ କରି ରିପୋର୍ଟ ପ୍ରଦାନ କଲେ, ସରକାର ତାହା ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । କମିଟିର ଅନ୍ୟତମ ସମ୍ପାଦକ ସୁବାସ ରଥ ମତ ରଖିଥିଲେ ଯେ, ଦୁର୍ନୀତିର ପରିସର ବ୍ୟାପକ ହୋଇଥିବାରୁ ଆମ୍ଭମାନଙ୍କ କାର୍ଯ୍ୟ ପରିସରକୁ କ୍ରମେ କ୍ରମେ ବ୍ୟାପକ କରିବା ଏକାନ୍ତ ଆବଶ୍ୟକ । ସମ୍ପାଦକ ସୁରେଶ ଚନ୍ଦ୍ର ଚୌଧୁରୀ କହିଥିଲେ ଯେ, ସେ କମିଟିର ସଂଗଠନାତ୍ମକ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ । ଏହି କାର୍ଯ୍ୟକାରିଣୀ ବୈଠକକୁ ସଂଯୋଜନା କରିଥିଲେ କମିଟିର ସଂଯୋଜକ ଶ୍ରୀ ଲିଙ୍ଗରାଜ ସାହୁ ଓ ମିଡ଼ିଆ ସମ୍ପାଦକ ବାଳକୃଷ୍ଣ ରାଉତ । ସମସ୍ତ ସଦସ୍ୟଙ୍କ ଅଭିଭାଷଣ ପରେ ଧନ୍ୟବାଦ ଅର୍ପଣ କରିଥିଲେ କମିଟିର ଉପାଧକ୍ଷ ଡଃ ଶିବ ପ୍ରସାଦ ବେହେରା ।

# ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଦ୍ୱାରା ଯୁଗ୍ମ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ ଆରମ୍ଭ

ଭଦ୍ରକ, ୧୮/୦୪ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶମତେ ମହାମାରୀ କରୋନା କଟକଣା ଯୋଗୁଁ ଗତ ତା ୧୩.୩.୨୦ରିଖ ଦିନ ଠାରୁ ବନ୍ଦ ଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନଶୁଣାଣି ଶିବିର ଆଜି ଠାରୁ ଆରମ୍ଭ କରାଯାଇଛି । ପ୍ରତି ସୋମବାର ରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ପୂର୍ବାହ୍ଣ ୮.୩୦ମି ରୁ ଶୁଣାଣି ଆରମ୍ଭ କରାଯାଇଥିଲା । ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ସହିତ ଏସ୍.ପି ଚରଣ ସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶୁଣାଣି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବି.ଡ଼ି.ଓ, ତହସିଲଦାରମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ସମୁଦାୟ ଆଗତ ୩୫ ଅଭିଯୋଗ ମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଥିଲା ବେଳେ ୨ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ୨ଟି ଆବେଦନ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ଓ ୧ଟି ଆବେଦନ ରେଡ଼କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ସମ୍ବନ୍ଧୀୟ ଥିଲା । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଓ ଅନ୍ୟ ଗୁଡ଼ିକର ସମାଧନା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଦର୍ଶ ବିଦ୍ୟାଳୟରେ ନାମ ଲେଖା, ନୂତନ ହାଇସ୍କୁଲ ମିଶ୍ରଣ ଯୋଗୁଁ ପିଲାଙ୍କ ପାଇଁ ଦୂରତା ବୃଦ୍ଧି ସମସ୍ୟା, ନୂତନ ହାଇସ୍କୁଲ ଖୋଲିବା, ପୋଷାକ କିଣାରେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅନିୟମିତତା, ଗୋଟିଏ ପରିବାରର ୨ଟି ପିଲାଙ୍କର ହାତଗୋଡ଼ ସରୁ ହୋଇଯିବା ନେଇ ଅସ୍ଥିଜନିତ ସମସ୍ୟା ପାଇଁ ଚିକିତ୍ସା ସହାୟତା, କ୍ୟାନସର ରୋଗୀଙ୍କୁ ଚିକିତ୍ସା ସହାୟତା, ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ, ରାଜ୍ୟ ବାହାରେ କମ୍ପାନୀ ଚାକିରୀ କରିଥିବା ଏବଂ ୭ ବର୍ଷ ପୂର୍ବେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କର କ୍ଷତିପୂରଣ ପ୍ରଦାନ, ଅନ୍ତର୍ଦ୍ୟୋଦୟ କାର୍ଡ଼, ବାର୍ଦ୍ଧକ୍ୟ ଭତ୍ତା ଆଦି ସହ ପୋଲିସ ବିଭାଗୀୟ ଅଭିଯୋଗ ସବୁ ଶିବିରରେ ଶାରୀରିକ ଭାବେ ଉପସ୍ଥାପନ କରାଯାଇଥିଲା ।

## ଉଦଳା ଏନ୍.ଏ.ସି.ରେ ଆରମ୍ଭ ହେଲା ଜନଅଭିଯୋଗ ଶୁଣାଣି



ଉଦଳା, ୧୮/୦୪ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନବ ନିର୍ବାଚିତ ନଗରପାଳ ପ୍ରମିଳା ପଣ୍ଡା ଆରମ୍ଭ କରିଛନ୍ତି ଜନଅଭିଯୋଗ ଶୁଣାଣୀ । ନିର୍ବାଚନ ପରେ ଆଜି ଏପ୍ରିଲ ୧୮ ତାରିଖ ସୋମବାର ଦିନ ୱାର୍ଡ଼ ନଂ-୧୨ ଠାରେ ପ୍ରଥମ ଅଭିଯୋଗ ଶୁଣାଣୀ ଆରମ୍ଭ ହୋଇଥିବାର ଜଣାଯାଇଛି । ଏଥିପାଇଁ ୱାର୍ଡ଼ ନଂ- ୧୨ ସ୍ଥିତ ଅଙ୍ଗନୱାଡ଼ିକେନ୍ଦ୍ର ପରିସରରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଲୋକଙ୍କ ଠାରୁ ଆସିଥିବା ସମସ୍ୟା ଗୁଡ଼ିକ ମଧ୍ୟରେ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଭତ୍ତା, ପିଇବା ପାଣି, ବିଦ୍ୟାଳୟରେ ପାଚେରୀ ନିର୍ମାଣ, ଖେଳ ପଡ଼ିଆର ଉନ୍ନତିକରଣ, କମ୍ୟୁନିଟି ହଲ ଇତ୍ୟାଦି ମୋଟ ୩୦ ଗୋଟି ଅଭିଯୋଗ ଆସିଥିବାର ଜଣାଯାଇଛି । ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ମୁଁ ଅବଗତ କରାଇବି ବୋଲି ନଗରପାଳ ପ୍ରତିଶୃତି ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସିଟି ମିଶିନ ମ୍ୟାନେଜର ଶୁଭାଶିଷ ନାୟକ, କମ୍ୟୁନିଟି ଅରଗାନାଇଜର ନମିତା ସାମଲ , ପ୍ରୋଗ୍ରାମ କୋଡ଼ିନେଟର ସୀମା ନାୟକ, ଡ଼ିଲିଂ ଆସିଷ୍ଟାଣ୍ଡ ସଂଗ୍ରାମ କିଶୋର ମହାନ୍ତି, ସାପର୍ଟିଂ ଷ୍ଟାପ ଅରୁପାନନ୍ଦ ମହଲା, ୱାର୍ଡ଼ ଅଫିସର ଯୋଗେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପ୍ରତି ୱାର୍ଡ଼ରେ ଏହିଭଳି ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନଗରପାଳ କହିବା ସହିତ ଏଣିକି ବୟସ୍କ ବ୍ୟକ୍ତି, ବିଧବା ଓ ଦିବ୍ୟାଙ୍ଗ ମାନଙ୍କୁ ଭତ୍ତା କିମ୍ବା ଚାଉଳ ପାଇଁ ଆଉ ଧାଡ଼ିବାନ୍ଧି ଛିଡ଼ା ହେବାକୁ ପଡ଼ିବ ନାହିଁ । ସେମାନେ କିପରି ସୁବିଧାରେ ପାଇ ପାରିବେ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ନଗରପାଳ ପ୍ରମିଳା ପଣ୍ଡା ଗଣମାଧମକୁ ଜଣାଇଛନ୍ତି ।

## ଇନଟାକ ବାଲେଶ୍ୱର ଚେପ୍ଟର ତରଫରୁ ବିଶ୍ୱ ଐତିହ ଦିବସ ପାଳନ




ବାଲେଶ୍ୱର, ୧୮/୦୪ (ନି.ପ୍ର): ଏପ୍ରିଲ ୧୮ ତାରିଖ ବିଶ୍ୱ ଐତିହ ଦିବସ ଅବସରରେ ବାଲେଶ୍ୱର ଚେପ୍ଟର ତରଫରୁ ବାଲେଶ୍ୱର କଳାକ୍ଷେତ୍ରରେ ଏକ ଐତିହ ସଂଲଗ୍ନ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜୁନିୟର ଓ ସିନିୟର ଗ୍ରୁପରେ ଏହି ପ୍ରତିଯୋଗିତାରେ ଷାଠିଏ ପିଲା ଯୋଗଦାନ କରି ସେମାନେ ଐତିହ ସଂପନ୍ନ ଚିତ୍ର ଅଙ୍କନ କରିଥିଲେ । ଏହି ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଯେଉଁ ତିନିଜଣ ବିବେଚିତ ହେବେ ସେମାନଙ୍କୁ ଇନଟାକ ତରଫରୁ ପୁରସ୍କୃତ କରାଯିବ । ଏହି ଅବସରରେ ବାଲେଶ୍ୱର ଚେପ୍ଟର ତରଫରୁ ଏକ ସଭା ଶ୍ରୀ ଭାବଗ୍ରାହୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା । ବାଲେଶ୍ୱର ଚେପ୍ଟରର ହସ କନଭେନର ଅର୍ଚ୍ଚନା ନନ୍ଦୀ ଏକ ସାରଗର୍ଭକ ଭାଷଣରେ ପିଲାମାନଙ୍କୁ ଅତିଥି ରକ୍ଷଣାବେକ୍ଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅତିରିକ୍ତ କନିଭେନର ନିକୁଞ୍ଜ ବିହାରୀ ଦାସ ପିଲାମାନଙ୍କୁ ପ୍ରତିଯୋଗିତାର ନିୟମ ବିଷୟରେ ଅବଗତ କରାଇଥିଲେ ଏବଂ ଐତିହ୍ୟ ଚିତ୍ର ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶିତୀକଣ୍ଠ, ହରେନ୍ଦ୍ର ରଣା ପ୍ରମୁଖ ପିଲାମାନଙ୍କୁ ବାଲେଶ୍ୱରର ଐତିହ ଚଷାଖଣ୍ଡ, ରାଇବଣିଆ ଦୁର୍ଗ, ଜୟୀ ରାଜଗୁରୁଙ୍କ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସଭାପତି ଶ୍ରୀ ମହାନ୍ତି ତାଙ୍କ ଅଭିଭାଷଣରେ ମମଞ୍ଜିବୁଲ ଏବଂ ପାନଟାଜବୁଲ ଭେରିଟେବୁଲ ବିଷୟରେ ଜଣାଇବା ସହିତ ଚଢ଼ିଆ ଚଢ଼ିଆଣୀ ନୃତ୍ୟ ବିଷୟରେ ଆଲୋଚନା କରିଥିଲେ । ଅର୍ଚ୍ଚନା ନନ୍ଦୀ ରାଇବଣିଆ ଦୁର୍ଗ ଗଡ଼ଚଣ୍ଡୀ ମନ୍ଦିରର ଇତିହାସ ସଂପର୍କରେ ପିଲାମାନଙ୍କୁ କହିଥିଲେ । ପିଲାମାନେ ଐତିହ ବିଷୟରେ ଅନେକ ଧାରଣା ଏ ସଭାରୁ ଗ୍ରହଣ କରିଥିଲେ । ଶେଷରେ ଯଶୋଦାନନ୍ଦ ଆସ୍ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଶିବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ



ଲଙ୍ଗଳେଶ୍ୱର,୧୮/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତର ଭଅଁରେଶ୍ୱର ଗ୍ରାମରେ ଆଜି ନୂତନ ନିଳକଣ୍ଠେଶ୍ୱର ଶିବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୂତନ ଶିବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅବସରରେ ନାମସଂକୀର୍ତ୍ତନ ସହିତ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶିଶିର ପଣ୍ଡା ପୌରହିତ୍ୟରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାହୁ , ସମ୍ମାନ୍ନିତ ଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରି ସଭାପତି ଶ୍ରୀମତୀ ସୁବାସିନୀ ଜେନା, ସମାଜସେବୀ ସଞ୍ଜୟ କୁମାର ପାତ୍ର,୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ କୁମାର ସାମଲ,ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପ୍ରମୁଖ ଯୋଗ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ,ଭଗବାନ ଚନ୍ଦ୍ର ଗିରି, ସନ୍ତୋଷ ମହାନ୍ତି,ସଞ୍ଜୟ ଦାସ,ମହେନ୍ଦ୍ର କୁମାର ବାରିକ, ପ୍ରାକ୍ତନ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା,ବଣିଆଡିହା ସମିତି ସଦସ୍ୟ କଟି ମାରାଣ୍ଡି ,ପୂର୍ବତନ ସରପଞ୍ଚ ରଞ୍ଜିତା ଟୁଙ୍ଗ, ମହିଳା ନେତ୍ରୀ ସୁଲତା ନାୟକଙ୍କ ସମେତ ଭଅଁରେଶ୍ୱର ଗ୍ରାମବାସୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମୃତ୍ୟୁଞ୍ଜୟ ପରିଡା, ଅଶୋକ ମହାନ୍ତି, ବାସୁଦେବ ଜେନା, ରତ୍ନାକର ମହାକୁଡ, ଗୌତମ ଜେନା ପ୍ରମୁଖ ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି ପରିବାର ପକ୍ଷରୁ

**ଆରୋହୀ ମହାନ୍ତି** (ଶ୍ରୀୟା)ର

୧୯ ଅପ୍ରେଲ ୨୦୨୨

ଅଷ୍ଟମ ବାର୍ଷିକ ଜନ୍ମ ଦିବସ ଉପଲକ୍ଷେ

ଶୁଭେଚ୍ଛା ଓ ଶୁଭ କାମନା ।

ପ୍ରଭୁ ଶ୍ରୀଜଗନ୍ନାଥ ତା ଚଲାପଥ କୁସୁମିତ କରନ୍ତୁ ।






ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ

ଶୁଭେଚ୍ଛା ଓ ଆଶୀର୍ବାଦ ସହ

ପିତା- ପ୍ରଦୀପ୍ତ ମହାନ୍ତି, ମାତା- ରଶ୍ମିପ୍ରଭା ପୁହାଣ, ମାମୁ - ରାମକୃଷ୍ଣ ପୁହାଣ, ଅଜା ଆଇ, ଜେଜେମା, ବଡ଼ବାପା, ବଡ଼ବୋଉ, ମଉସା, ମାଉସୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ ।

## ମୟୁରଭଂଜର ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ




ବାରିପଦା, ୧୮/୦୪ (ନି.ପ୍ର): ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ମୟୂରଭଂଜ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଆଜି ସଂଧ୍ୟାରେ ବାରିପଦାର ଶହୀଦ ସ୍ମୃତି ଭବନ ଠାରେ ଉଦଯାପିତତ ହୋଇ ଯାଇଛି । ମହୋତ୍ସବ କମିଟିର ସଭାପତି ବିଧାୟକ ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଡ. ଜଗତ ବନ୍ଧୁ ଆଚାର୍ଯ୍ୟ, ଯୋଗେଶ ଅଗ୍ରୱାଲା, ସକାଳ ସମ୍ବାଦ ପତ୍ର ର ଉତର ଓଡିଶା ବ୍ୟୁର ଅସୀମ ମହାପାତ୍ର, ପଣ୍ଡିତ ଭାଗବତ ପଣ୍ଡା, ବଲିଉଡ ଅଭିନେତା ରାମ ଶିର୍କା, ଓଲିଉଡ ଅଭିନେତ୍ରୀ ମିସ ମନିଷା ପ୍ରମୁଖ ଯୋଗ ଦେଇ ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ଭାବରେ ପ୍ରତିପାଦିତ ହୋଇଛି ବୋଲି କହିଥିଲେ । ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ବାର୍ଷିକ ବୀବରଣୀ ପାଠ କରିବା ସହିତ ମୟୂରଭଂଜର ଅବଲୁପ୍ତପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଓ ପର୍ଯ୍ୟଟନର ପୁନରୁଦ୍ଧାର ଓ ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢାବଳଙ୍ଗ ଚିପଟ ଏବଂ ଇଟାଯୋଡି ନଦୀର ସଂଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ଏହି ମହୋତ୍ସବ ର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଡ. ଶଶିଧର ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ଏହି ଅବସର ରେ ସାମ୍ବାଦିକ ବିନ୍ଦୁସାର ଦାସ, ରଂଜନ କୁମାର ମହାନ୍ତି, ଓଡିଶୀ ନୃତ୍ୟଶିଳ୍ପି ଭାଗ୍ୟଶ୍ରୀ ସୁମନା ଓତା, ମୁଣ୍ଡାରୀ ସାହିତ୍ୟିକ ନନ୍ଦଲାଲ ସିଂ, ବଲିଉଡ ତାରକା ରାମ ସିର୍କା, ଓଲିଉଡ ତାରକା ମନିଷା , ସାହିତ୍ୟିକା ଅଧାପିକା ତନ୍ମୟୀ ରଥ, ଚତୁର୍ଭୁଜ ପାତ୍ର, କରଂଜିଆ ମହୋତ୍ସବ କମିଟି ଓ ବେତନଟୀ ବୈଶାଖି ବିକାଶ ମୋହତ୍ସବ କମିଟି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହିଭଳି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଭାବରେ ପ୍ରଗତିବାଦୀ, ସକାଳ, ଓଡିଶା ଭାସ୍କର, ଦୈନିକ ଭାସ୍କର, କ୍ରାନ୍ତିଧାରା, ବଡ ଖବର, ଅର୍ଗସ ଟିଭି ଓ ମିଡିଆ କ୍ରିଏସନ ସଂସ୍ଥାକୁ ମଂଚରେ ସମ୍ମାନୀତ କରାଯିବା ସହ ନୃତ୍ୟଶିଳ୍ପୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା । ଆଜି ଉଦଯାପନୀ ସଂଧ୍ ?ଯାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ବହୁ ସାଂସ୍କୃତିକ ଅନୁଷ୍ଠାନ ନିଜର ରଂଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମ୍ବଲପୁରି ନୃତ୍ୟ ଝୁମର ନୃତ୍ୟ ଓଡିଶୀ ନୃତ୍ୟ ର ତାଳେତାଳେ ଦର୍ଶକ ମାନେ ମତୁଆଲା ହୋଇ ଥିବା ବେଳେ, ବାରିପଦାର ପ୍ରସିଦ୍ଧ ମାଂସମୁଦ୍ରିର ଆସର ଜମିଥିଲା । ଶେଶରେ କାର୍ଯ୍ୟକାରୀ ସଂପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୬୪ ୟୁନିଟ୍ ରକ୍ତ ସଂଗୃହୀତ

ଜଳେଶ୍ୱର, ୧୮/୪ (ନିପ୍ର): ଜଳେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ଜ୍ଞାନବିକାଶ ଶିଳ୍ପତାଲିମ କେନ୍ଦ୍ର ପରିସରରେ ଆଜି ଉକ୍ତ ଅନୁଷ୍ଠାନ ଓ ଜୀବନବିନ୍ଦୁର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ମଧୁସୂଦନ ସେନାପତି ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଜୀବନ ରକ୍ଷାରେ ରକ୍ତ ର ବିକଳ୍ପ ନଥିବାରୁ ପ୍ରତ୍ୟେକେ ସଚେତନ ହୋଇ ରକ୍ତଦାନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଲେଲିନ୍ କୁମାର ପ୍ରଧାନ, ଅରୂପ କୁମାର ପଣ୍ଡା, ପ୍ରଦୀପ ମହାନ୍ତି, ଜୀବନବିନ୍ଦୁର ଜିଲା ସଂଯୋଜକ ସୁଖେନ୍ଦୁ ମଂଗରାଜ, ଲକ୍ଷ୍ମିନାରାୟଣ ପ୍ରଧାନ, ରବିନାରାୟଣ ଚାନ୍ଦ, ଅରୁଣ ରାଉଳ, ସତ୍ୟଶୋଭନ ମିଶ୍ର, ବିଶ୍ୱନାଥ ଦାସ ମହାପାତ୍ର ପ୍ରମୁଖ ଏଥିରେ ସହାୟତା କରିଥିଲେ । ଏଥିରେ ମୋଟ ୬୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ବେଳେ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

## ବୁଲିଲା ଶିକ୍ଷା ସଚେତନତା ରଥ

ଭଦ୍ରକ, ୧୮/୦୪ (ନି.ପ୍ର): ମହାମାରୀ କରୋନା ଯୋଗୁଁ ଗ ମାର୍ଚ୍ଚ ୨୦୨୦ରୁ ବନ୍ଦଥିବା ବିଦ୍ୟାଳୟ ଏବେ ପିଲାମାନଙ୍କ ପାଠପଢ଼ା ପାଇଁ ଖୋଲି ଯାଇଥିଲେ ବି ପିଲାମାନଙ୍କ ଉପସ୍ଥାନ ସଂଖ୍ୟା କମ ରହୁଥିବା ଲକ୍ଷ୍ୟ କରାଯାଉଛି । ସ୍କୁଲ ଆସୁନଥିବା, ଅଧା ପାଠ ଛାଡ଼ି ଘରେ ରହୁଥିବା ଆଦି ପିଲାଙ୍କୁ ସ୍କୁଲ ମୁହାଁ କରିବା ଆଭିମୁଖ୍ୟରେ ଆଜି ଜିଲ୍ଲାର ସମସ୍ତ ବ୍ଲକ ରେ ଶିକ୍ଷା ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଭଦ୍ରକ ବ୍ଲକ୍ ପାଇଁ ପ୍ରସ୍ତୁତ ଏହି ରଥକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ସବୁଜ ପତାକା ହଲାଇ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଭଦ୍ରକ ବି.ଇ.ଓ ଚକ୍ରଧର ମଲ୍ଲିକ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ପାଣି ରେ ବୁଡି ବୃଦ୍ଧ ମୃତ



ଲଙ୍ଗଳେଶ୍ୱର,୧୮/୦୪ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମର ଗଡ଼ସାହି କଦିବାସୀ ସାହିର ଷାଠିଏ ବର୍ଷୀୟ ବୃଦ୍ଧ ଭୀମ ଚରଣ ବେହେରା ଗତ କାଲି ଖେଜୁରଆଡି ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି । ସେ ସ୍ଥାନୀୟ ଏକ ଇଟାଭାଟିରେ ଦିନ ମଜୁରିଆ ଭାବେ କାମ କରୁଥିଲେ । କାମରୁ ଆସି ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପୋଖରୀରୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ସାର୍ଥା ଫାଣ୍ଡି ଅଧିକାରୀ ଗୌରହରି ଦାସ ଘଟଣା ସ୍ଥଳରେ ପହଞ୍ଚି ସବବ୍ୟବଛେଦ ପାଇଁ ପଠେଇ ଏକ ଅପମୃତ୍ୟୁ ମାମଲା ୧୨/୨୨ମୂଳେ ରୁଜୁ କରି ଅଧିକ ତଦନ୍ତ ଚଳାଇଛନ୍ତି ।

## ମାଗଣା ବିଜୁଳି ପାଇଁ ବାଲେଶ୍ୱରରେ ଆମ ଆଦମୀ ପାର୍ଟିର ଦସ୍ତଖତ ଅଭିଯାନ



ବାଲେଶ୍ୱର, ୧୮/୦୪ (ନି.ପ୍ର): ଆମ ଆଦମୀ ପାର୍ଟିର ଦିଲ୍ଲୀ ଓ ପଞ୍ଜାବ ସରକାରଙ୍କ ଭଳି ଓଡିଶାରେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସେବା ପ୍ରଦାନ ପାଇଁ ଦଳ ପକ୍ଷରୁ ଆରମ୍ଭ ହୋଇଛି ସମର୍ଥନ ଯୋଗାଡ ଅଭିଯାନ । ଏ ନେଇ ବାଲେଶ୍ୱର ସହରରେ ଆମ ଆଦମୀ ପାର୍ଟିର କର୍ମୀ ନିକୁଞ୍ଜ ମହାନ୍ତିଙ୍କ ନେତୃତ୍ୱରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଳର ୫୦ରୁ ଅଧିକ ସଦସ୍ୟ ଯୋଗଦେଇ ମାଗଣା ବିଜୁଳି ସେବା ପ୍ରଦାନ ସପକ୍ଷରେ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଆମ ଆଦମୀ ପାର୍ଟିର ସଦସ୍ୟମାନେ ଓଡିଶାରେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବାର ଆଭିମୁଖ୍ୟକୁ ସମ୍ପୂର୍ଣ ତଥ୍ୟ ସହ ଉପସ୍ଥାପିତ କରିଥିଲେ । ଦଳର ଏହି ଅଭିଯାନରେ ସାମିଲ ହୋଇ ଲୋକେ ନିଜର ମୌଳିକ ଅଧିକାର ହାସଲ ପାଇଁ, ଆମ ଆଦମୀ ପାର୍ଟିର କର୍ମୀମାନେ ବୁଝାଇଥିଲେ ।

## ଅବକାରୀ ବିଭାଗ ସ୍ଥାଣୁ, ବଢୁଛି ଚୋରା ମଦ ବ୍ୟବସାୟୀଙ୍କ ଦୌରାତ୍ମ୍ୟ

ଖଇରା, ୧୮/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ବହୁ ଦାବୀ ପରେ ଏକ ଅବକାରୀ ଥାନା କାର୍ଯ୍ୟାଳୟ ୪ମାସ ଧରି ଭଡା ଘରେ ଆରମ୍ଭ ହୋଇଛି । ହେଲେ ଖୋଲିବା ଦିନ ଠାରୁ ୨/୪ଦିନ ଛାଡି ଦେଲେ ଅଧିକାଂଶ ଦିନ ବନ୍ଦ ହୋଇ ରହୁଛି । ୩୭ପଞ୍ଚାୟତରୁ ଲେକେ କୌଣସୀ କାର୍ଯ୍ୟ ପାଇଁ ଆସୁଥିଲେ ହେଁ ତାଲା ପଡିବା ଦେଖି ନିରାଶ ହୋଇ ଫେରୁଛନ୍ତି । ଆଖିଦୃଶିଆ ଚଢାଉ କରାଯାଉନଥିବାରୁ ଚୋରା ମଦ ବ୍ୟବସାୟୀଙ୍କ ଦୌରାତ୍ମ୍ୟ ବଢି ବଢି ଚାଲିଛି । ଖଇରା ରେ ଗୋଟିଏ ମାତ୍ର ଲାଇସେନ୍ସପ୍ରାପ୍ତ ଦୋକାନୀ ଥିବା ବେଳେ ଏବେ ୬ରୁ ଅଧିକ ବିକ୍ରେତା ଖଇରା ଔପଦା ଏବଂ ସିମୁଳିଆ ଅଞ୍ଚଳର ପ୍ରତ୍ୟେକ ସାହି ବସ୍ତିକୁ କାୟା ବିସ୍ତାର କରି ଚାଲିଛନ୍ତି । କାର୍ଯ୍ୟାଳୟ ସ୍ଥାପନା ପରେ ଖଇରା ବଜାର ଠାରୁ ୫ଶହ ମିଟର ଦୂର ସୋର-କୁପାରୀ ରାସ୍ତା କଡରେ ମଦ ପ୍ରସ୍ତୁତି ଚାଲିଥିଲେ ହେଁ ଅବକାରୀ ବିଭାଗର ନଜରରେ ନଆସିବା ଏହି ବିଭାଗର ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ କାର୍ଯ୍ୟାଳୟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାନଗଲେ ନିଶା ଖଇରା ବ୍ଲକକୁ ଗ୍ରାସ କରିବ ଏଥିରେ ସନ୍ଦେହ ନାହିଁ । ଖଇରାର ବିଭିନ୍ନ ସଂଗଠନ ତରଫରୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବହୁ ଦାବୀ ପରେ୨୦୨୦ ମସିହା ମାର୍ଚ୍ଚ ମାସରେ ଖଇରା ଠାରେ ଏକ ଅବକାରୀ ଥାନା ଖୋଲା ଯିବାକୁ ସରକାରୀ ସ୍ତରରେ ଘୋଷଣା କରାଯାଇଥିଲା । ବେଆଇନ ମଦ କାରବାର ଉପରେ ନିଶ୍ଚୟ ଅଙ୍କୁଶଲାଗିବ ବୋଲି ଖଇରା ବାସୀ ମନରେ ଅନେକ ଆଶା ବାନ୍ଧିଥିଲେ । ହେଲେ କାର୍ଯ୍ୟାଳୟ ଚାଲିଲା ସତ ହେଲେ ଖଇରା ରେ ଚାଲିବା ବଦଳରେ ସୋରରେ ଚାଲିଲା । ଖଇରା କାର୍ଯ୍ୟାଳୟ ନାମରେ ୧ବର୍ଷ ଧରି ଭଡା ମଧ୍ୟ ପ୍ରଦାନ କରାଗଲା । ଏକଥା ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗ ତରଫରୁ ଖଇରାରେ କାର୍ଯ୍ୟାଳୟ ଖୋଲିବାକୁ ଯୁଦ୍ଧକାଳିନ ଭିତ୍ତିରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଶେଷରେ ସୋର-କୁପାରୀ ରାସ୍ତାର ଅର୍ଜୁନପୁର ଛକ ନିକଟରେ ନଭେମ୍ବର ୨ତାରିଖରେ ଆନୁଷ୍ଠାନିକ ଭାବେ କାର୍ଯ୍ୟାଳୟ ଖୋଲିଲା । ହେଲେ ଖୋଲିବାର କିଛି ଦିନ ଠିକଠାକ ଚାଲିବା ପରେ ପୁଣି ଷ୍ଟାଫ ନଥିବା ଆଳରେ କାର୍ଯ୍ୟାଳୟରେ ତାଲା ପଡି ଯାଇଥିଲା । । ପୁନଶ୍ଚ ସୋରରୁ ରହି ଖଇରା ରେ ବେଆଇନ ମଦ ଚଢାଉ କାର୍ଯ୍ୟ କରାଯାଉଥିବା ବେଳେ ପ୍ରତ୍ୟେକ ମାସ ରାଜକୋଷରୁ ଭଡା ବାବଦକୁ ଅର୍ଥ ବରବାଦ୍ ହେଉଛି । କାର୍ଯ୍ୟାଳୟ ଖୋଲିବା ଦିନଠାରୁ ଅବକାରୀ ବିଭାଗ ପକ୍ଷରୁ କାଁଭାଁ ଚଢାଉ କରାଯାଇଥିବା ବେଳେ ଖଇରା ପୋଲିସ ୫ ମାସରେ ୫୦ମାମଲା ରୁଜୁ କରିଛି । ଅବକାରୀ ବିଭାଗର ସ୍ଥାଣୁତା ପାଇଁ ଏବେ ଚୋରା ମଦମହୁଲି ବିକ୍ରୀ ଉଦ୍‌ବେଗ ଜନକ ସ୍ଥିତିରେ ପହଞ୍ଚିଛି । ଖଇରା ଥାନା ଅଧୀନ ଗଡପୋଖରୀ ବଜାରରେ ଏବେ ପାନ ଡେଜରାଟି ଦୋକାନରେ ମଦବିକ୍ରି ଚାଲିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ୫ଟା ପରେ ସାଧାରଣ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଉଭୟ ଅବକାରୀ ବିଭାଗ କାର୍ଯ୍ୟାଳୟ ଓ ଥାନା ସମ୍ମୁଖ ଦେଇ ୬ ଚୋରା ବ୍ୟବସାୟୀ ବାଇକ ଓ ବୋଲେରୋ ଭର୍ତ୍ତି ମଦ ବିଭିନ୍ନ ଅଞ୍ଚଳକୁ ଯୋଗାଣ କରି ଦିନକୁ ଦିନ ନେଟୱାର୍କ ବଢାଇ ଚାଲିଥିବା ବେଳେ ପ୍ରଶାସନ ନଜର ନପଡିବା ଚିନ୍ତାର ବିଷୟ ।

## ଇଣ୍ଡୋର ଷ୍ଟାଡିୟମ ବିବାଦ : ଶାନ୍ତିଆ ବାସୀଙ୍କ ଗଣ ଧାରଣା ତୃତୀୟ ଦିନରେ




ଜଳେଶ୍ୱର, ୧୮/୪ (ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳିକାର ୧୦ନଂ ଓ୍ୱାର୍ଡ ଶାନ୍ତିଆସ୍ଥିତ ଇଣ୍ଡୋର ଷ୍ଟୋଡିୟମ ନିର୍ମାଣ ନେଇ ଉଠିଥିବା ବିବାଦର ଗଣଧାରଣା ଆଜି ୩ୟ ଦିବସରେ ପହଞ୍ଚିଛି । ଗ୍ରାମବାସୀ ଓ ନେତାଜୀ କ୍ଲବ ପକ୍ଷରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ୩ଦିନ ମଧ୍ୟରେ କୌଣସି ପ୍ରଶାସନୀକ ଅଧିକାରୀ ଆଲୋଚନାଲାଗି ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି । ଗ୍ରାମବାସୀ ଇଣ୍ଡୋର ଷ୍ଟୋଡିୟମକୁ ବିରୋଧ କରୁ ନଥିବା ବେଳେ ପୂର୍ବରୁ ଥିବା ଆଉଟ୍‌ଡୋର ଷ୍ଟାଡିୟମ ସଙ୍କୁଚିତ ନ କରି ଉଭୟ ଇଣ୍ଡୋର ଓ ଆଉଟ୍‌ଡୋର୍ ଷ୍ଟାଡିୟମ ନିର୍ମାଣ ଲାଗି ଦାବି ଜଣାଇ ଆସୁଛନ୍ତି । ଘଟଣାରୁ ପ୍ରକାଶ ଥିବା ୨୦୦୯-୧୦ ମସିହାରେ ଶାନ୍ତିଆ ଠାରେ ତତ୍କାଳୀନ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ପ୍ରଚେଷ୍ଟାରେ ୧କୋଟି ୩୭ଲକ୍ଷ ୭୧ ହଜାର ଟଙ୍କା ବ୍ୟୟରେ ଜଳେଶ୍ୱର ଷ୍ଟାଡିୟମର ଭିତ୍ତ ପ୍ରସ୍ତର ସ୍ଥାପନ ହୋଇଥିଲା । କିନ୍ତୁ ନିମ୍ନ ମାନର କାର୍ଯ୍ୟ ଅଭିଯୋଗ ହେବାରୁ ତାହା ଭିଜିଲାନ୍ସ ତଦନ୍ତ ପରିସରକୁ ଆସିଥିଲା । କିନ୍ତୁ ଏବେ ସେଠାରେ ବିଜୁପଟ୍ଟନାୟକ ମଲ୍ଟି ପାର୍ପୋସ୍ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ଲାଗି ୭ କୋଟି ୨୮ଲକ୍ଷ ଟଙ୍କା ମଂଜୁର ହୋଇଛି । ସୂଚନାଯୋଗ୍ୟ ୫୦ବର୍ଷ ଧରି ସ୍ଥାନୀୟ ଅଂଚଳର କ୍ରିଡାବିତ୍ ମାନେ ଷ୍ଟାଡିୟମକୁ ବ୍ୟବହାର କରି ଆସୁଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ବାର୍ଷିକ ଉତ୍ସବ ଓ କ୍ରିଡା ଉତ୍ସବ ମାନ କରି ଆସୁଛନ୍ତି । ଏପରିକି ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମେଳା ମହୋତ୍ସବ ସହିତ ସାଧାରଣତନ୍ତ୍ର ଦିବସ ଇତ୍ୟାଦି ପାଳନ କରି ଆସୁଛନ୍ତି । ଏବେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହେବାକୁ ଥିବାରୁ ମୂଳ ଷ୍ଟାଡିୟମର ସ୍ଥାନ ସଂକୁଚିତ ହେଉଛି । ଏହି ନିର୍ମାଣ ଷ୍ଟାଡିୟମର ମଧ୍ୟସ୍ଥଳରେ କରାଯାଉଥିବାରୁ ଏହାକୁ ଗୋଟିଏ ପଟୁ ନିର୍ମାଣ କରାଯିବାକୁ ଗ୍ରାମବାସୀ ମାନେ ଅଡି ବସିଛନ୍ତି । ଆଜି ୩ୟ ଦିବସରେ ଗଣ ଧାରଣା ଚାଲିଥିବା ବେଳେ ଠିକାଦାର, ପୌର ଅଧିକାରୀ ଓ ଥାନା ଅଧିକାରୀ ଘଟଣାସ୍ଥଳକୁ ନିର୍ମାଣ ଲାଗି ଯାଇଥିଲେ ମଧ୍ୟ ଗ୍ରାମବାସି ସେମାନଙ୍କୁ ଫେରାଇ ଦେଇଥିଲେ । ଗ୍ରାମ୍ୟ ମୁଖ୍ୟ ସିତାଂଶୁ ସେନାପତିଙ୍କ ନେତୃତ୍ୱରେ ଏକ ଦଳ ଜିଲାପାଳ ଓ ପୌର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଗଣଧାରଣାରେ ନବଜ୍ୟୋତି କ୍ଲବର ସଦସ୍ୟଙ୍କ ସହିତ ଗ୍ରାମର ବହୁ ପୁରୁଷ, ମହିଳା ମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo